

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୯ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 September 2026

Vol.No. 36 ■ No.246 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ପରିବହନ ବିଭାଗର ଅତିରିକ୍ତ ସଚିବ ଗିରଫ

ଭୁବନେଶ୍ୱର, ୧୮/୯ (ନି.ପ୍ର): ରାତି ଅଧରେ ମହିଳାଙ୍କ ଘରେ ପଶି ଅସଦାଚରଣ କରିବା ଅଭିଯୋଗରେ ପରିବହନ ବିଭାଗର ଅତିରିକ୍ତ ସଚିବ ଗିରଫ ହୋଇଛନ୍ତି। ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କୁ ଖାରବେଳନଗର ପୋଲିସ ଗିରଫ କରିଛି। ସହକର୍ମୀ ମହିଳାଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଖାରବେଳ ନଗର ପୋଲିସ ଅଟକ ରଖିବା ପରେ ଗିରଫ କରିଛି।

## ପାଟନା ସିଭିଲ୍ କୋର୍ଟକୁ ବୋମା ଧମକ: ପରିସର କରାଗଲା ଖାଲି


ନୂଆଦିଲ୍ଲୀ,୧୮/୯ : ପାଟନା ସିଭିଲ୍ କୋର୍ଟ ପରିସରରେ ଶୁକ୍ରବାର ଦିନ ଇ-ମେଲ୍ ଜରିଆରେ ବୋମା ଧମକ ମିଳିବା ପରେ ଆତଙ୍କ ଖେଳିଯାଇଛି। ଏହି ସୂଚନା ପାଇବା ମାତ୍ରେ ପୀରବାହୋର ପୋଲିସ ଷ୍ଟେସନ ଏକ ସତର୍କତାମୂଳକ ପଦକ୍ଷେ ଭାବରେ ସମଗ୍ର ପରିସରକୁ ଖାଲି କରି କୋର୍ଟ କାର୍ଯ୍ୟ ବନ୍ଦ କରିଦେଇଥିଲା। ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ ଏବଂ କୁକୁର ସ୍କ୍ୱାଡ୍ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି ଏବଂ ଏକ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଅଭିଯାନ ଚାଲିଛି। ଧମକପୂର୍ଣ୍ଣ ଇ-ମେଲରେ ସମସ୍ତ ଦେୱାନୀ ଅଦାଲତ ଭବନରେ ବୋମା ପକାଇବାକୁ କୁହାଯାଇଛି। ଏହି ସୂଚନା ପରେ, ସୁରକ୍ଷା କାରଣରୁ କୋର୍ଟର ମୁଖ୍ୟ ଫାଟକକୁ ବନ୍ଦ କରିଦିଆଯାଇଥିଲା ଏବଂ ପରିସରରେ ଉପସ୍ଥିତ ଥିବା ଲୋକ ଏବଂ କର୍ମଚାରୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଧମକପୂର୍ଣ୍ଣ ଇ-ମେଲଗୁଡ଼ିକୁ ମଧ୍ୟ ପୋଲିସ ଯାଞ୍ଚ କରୁଛି। ଏହା ମାଧ୍ୟମରେ କେଉଁଠାରୁ ଏବଂ କେଉଁ ମାଧ୍ୟମରେ ବାର୍ତ୍ତା ପଠାଯାଇଥିଲା ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଟାଉନ୍ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍ ଅଫ୍ ପୋଲିସ୍ (ଡି. ଏସ୍. ପି.-୧) ରାଜେଶ କୁମାର କହିଛନ୍ତି ଯେ ପାଟନା ସିଭିଲ୍ କୋର୍ଟକୁ ଉଡ଼ାଇଦେବାକୁ ଧମକ ଦେଉଥିବା ଏକ ଇ-ମେଲ୍ ମିଳିଛି।

# ବଦଳିଗଲା ସମୟ: ଏବେ କଂଗ୍ରେସ ସହ ମେଣ୍ଟ କରି ଉପନିର୍ବାଚନ ଲଢ଼ିବେ ମମତା

## ନନ୍ଦିଗ୍ରାମରେ ମମତା ସମର୍ଥିତ କଂଗ୍ରେସ ପ୍ରାର୍ଥୀ ଗିରଫ



ନୂଆଦିଲ୍ଲୀ,୧୮/୯ : ରାଜନୀତିରେ ସ୍ଥାୟୀ ଶତ୍ରୁ ନାହିଁ, ସ୍ଥାୟୀ ସ୍ୱାର୍ଥ ଅଛି, ଏହି ପୁରୁଣା କଥାକୁ ପୁଣି ଥରେ ମନେ ପକାଇଦେଇଛି ନନ୍ଦିଗ୍ରାମର ରାଜନୈତିକ ଘଟଣା । ଯେଉଁ କଂଗ୍ରେସକୁ ନେଇ ଅସନ୍ତୋଷ ପ୍ରକାଶ କରି ୧୯୯୭ରେ ଦଳ ଛାଡ଼ିଥିଲେ ମମତା ବାନାର୍ଜୀ, ୧୯୯୮ରେ ଗଢ଼ିଥିଲେ ତୃଣମୂଳ କଂଗ୍ରେସ, ଆଜି ସେହି କଂଗ୍ରେସ ହିଁ ହୋଇଗଲା ରାଜନୈତିକ ସମୀକରଣର ସାଥୀ । ଦିନେ କଂଗ୍ରେସରୁ ଅଲଗା ହୋଇ ନିଜ ଗଡ଼ ତିଆରି କରିଥିବା ମମତାଙ୍କୁ ଏବେ ସେହି ଗଡ଼ରେ ନିଜ ସ୍ଥିତି ରକ୍ଷା ପାଇଁ କଂଗ୍ରେସର ସହଯୋଗ ନେବାକୁ ପଡୁଛି। ନନ୍ଦିଗ୍ରାମ ଉପନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ଘୋଷଣା ରାଜନୀତିର ଏହି ବଦଳୁଥିବା ଚିତ୍ର ସମସ୍ତଙ୍କୁ ଚକିତ କରିଛି । କାଲି ଯିଏ ଥିଲା ପ୍ରତିଦ୍ୱନ୍ଦ୍ୱୀ, ଆଜି ସେହି ହେଲା ସହଯୋଗୀ। କାଲି ଯାହାଠାରୁ ଅଲଗା ହୋଇ ନିଜ ଦଳର ଘର ତିଆରି ହୋଇଥିଲା, ଆଜି ସେହି ଘରର ଦୁଆରରେ ସହଯୋଗ ପାଇଁ ଠକ୍‌ଠକ୍ ! ରାଜନୀତିରେ ଏହାକୁ କିଏ ରଣନୀତି କହିବେ, କିଏ ସମୟର ଆବଶ୍ୟକତା କିନ୍ତୁ ବ୍ୟଙ୍ଗ୍ୟର ଭାଷାରେ କହିଲେ ରାଜନୀତିରେ ଚକ୍ର ଘୁରେ, ଆଉ ଚକ୍ର ଘୁରିଲେ ପୁରୁଣା ଠିକଣା ବି ପୁଣି ମନେ ପଡ଼େ ! ଦିନେ ବାମପନ୍ଥୀଙ୍କୁ ଧରାଶାୟୀ କରି ପଶ୍ଚିମବଙ୍ଗ ରାଜନୀତିରେ ନିଜର ଅଲଗା



ପରିଚୟ ଗଢ଼ିଥିଲେ ମମତା ବାନାର୍ଜୀ । କଂଗ୍ରେସରୁ ଅଲଗା ହୋଇ ନିଜ ଦଳ ଗଠନ କରି ଦୀର୍ଘ ସମୟ ଧରି ବେଙ୍ଗଲର ରାଜନୀତିରେ ପ୍ରଭାବଶାଳୀ ଭୂମିକା ନେଇଥିବା ମମତା ଏବେ ସେହି କଂଗ୍ରେସ ପାଇଁ ନନ୍ଦିଗ୍ରାମରେ ସମର୍ଥନ ଘୋଷଣା କରିଛନ୍ତି । ଏହି ଘଟଣା ବେଙ୍ଗଲ ରାଜନୀତିର ବଦଳୁଥିବା ସମୀକରଣକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ କରିଛି ।

◆◆ପୃଷ୍ଠା ୭

# ପୁଣି ସେବାୟତ ବିବାଦ: ଉପାସରେ ପ୍ରଭୁ ଶ୍ରୀଲିଙ୍ଗରାଜ



ଭୁବନେଶ୍ୱର, ୧୮/୯ (ନି.ପ୍ର): ପୁଣି ସେବାୟତଙ୍କ ମଧ୍ୟରେ ବିବାଦ । ଉପାସରେ ପ୍ରଭୁ ଶ୍ରୀଲିଙ୍ଗରାଜ । ୩ ଘଣ୍ଟାର ବୈଠକ, ଫଳ ଶୂନ । ବାହାରିପାରୁନି ସମାଧାନ ବାଟ । ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ଗତକାଲି ରାତିରୁ ବନ୍ଦ ରହିଛି ଶ୍ରୀଲିଙ୍ଗରାଜଙ୍କ ନୀତି । ପୂଜାପଣ୍ଡା ନିଯୋଗର କହିବା ଅନୁଯାୟୀ ସେମାନେ ପ୍ରତିଦିନ କରୁଥିବା ନୀତିକୁ ହଠାତ ଗତକାଲି ରାତିରେ ବ୍ରାହ୍ମଣ ନିଯୋଗ କରିବାକୁ ଜିଦ୍ ଧରିଥିଲା। ଏହାକୁ ନେଇ ବିବାଦ ଉପୁଜିଥିଲା। ଯେଉଁଥିପାଇଁ ଗତକାଲି ରାତିରୁ ମନ୍ଦିରର ସମସ୍ତ ନୀତି ବନ୍ଦ ରହିଛି। ସବୁଠାରୁ ବଡ଼ କଥା ହେଲା ଉଭୟ ପୁଷ୍ପାଞ୍ଜଳି ସେବା ଦୀର୍ଘଦିନ ହେବ କରି ଆସୁଥିବା ଦାବି କରୁଥିବା ବେଳେ ବାସ୍ତବରେ କିଏ ଏହି ସେବା କରେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଏହି ସମସ୍ୟାର ସମାଧାନ ନହେଲେ କୋର୍ଟକୁ ଯିବାକୁ ଉଭୟ ପୂଜାପଣ୍ଡା ନିଯୋଗ ଓ ବ୍ରାହ୍ମଣ ନିଯୋଗର ଚେତାବନୀ ଦେଇଛନ୍ତି। ସେପଟେ ନୀତିକାନ୍ତିରେ ଅଚଳାବସ୍ଥା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକ ଡାକିଥିଲେ।

◆◆ପୃଷ୍ଠା ୭

# ୨୨ ତାରିଖରୁ ମୌସୁମୀ ଅଧିବେଶନ

## ଆସନ୍ତା ସୋମବାର ଦିନ ବିଧାନସଭାରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର, ୧୮/୯ (ନି.ପ୍ର): ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଚଳିତମାସ ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହାପୂର୍ବରୁ ଆସନ୍ତା ସୋମବାର ଦିନ ବିଧାନସଭା ପରିସରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଅଧ୍ୟକ୍ଷତା କରିବେ ବାଚସ୍ପତି । ଏନେଇ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ସେପଟେ ଚଳିତ ମୌସୁମୀ ଅଧିବେଶନ ବେଶ୍ ସରଗରମ ହେବ ବୋଲି ଆଶା କରାଯାଉଛି । ବିରୋଧୀଙ୍କ ପାଖରେ ମାଳ ମାଳ ପ୍ରସଙ୍ଗ ରହିଛି । ଯେଭଳି କି, ଡିଜିପି ନିଯୁକ୍ତି, ବନ୍ୟା ପରିଚାଳନା, ରାଜଧାନୀରେ କୃତ୍ରିମ ବନ୍ୟା ପ୍ରସଙ୍ଗ ନେଇ ବିରୋଧୀ ସରକାରଙ୍କୁ ଘେରିପାରନ୍ତି । ସେପଟେ ଏସବୁ ପ୍ରସଙ୍ଗରେ ବିଧାନସଭାରେ କିଭଳି ଶାସକ ଦଳ ଜବାବ ରଖିବେ ତାହା ସମୟ କହିବ । ଏସବୁ ପ୍ରସଙ୍ଗ ଭିତରେ ବଡ଼ ପ୍ରସଙ୍ଗ ରହିଛି ବାଲେଶ୍ୱର ଭୋଗରାଇରୁ ୫ ବିରଳ ପ୍ରଜାତିର ଓରାଂଉଟାନ ଜବତ । ଏହାପଛରେ ଏକ ରାକେଟ୍ ଥିବା ସନ୍ଦେହ କରାଯାଉଥିଲେ ବି ଏସଟିଏଫ୍ କିନ୍ତୁ କିଛି ସୁରାଗ ପାଇପାରୁ ନାହିଁ । ଏହାକୁ ନେଇ ବିରୋଧୀ ମଧ୍ୟ ସରକାରଙ୍କୁ ଘେରିପାରନ୍ତି ।

# ସେମିକନ୍ ହବ୍ ହେବ ଓଡ଼ିଶା: ସମ୍ମିଳନୀରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ, ୩୦ ହଜାର କୋଟି ନିବେଶର ଆଶା




ଭୁବନେଶ୍ୱର, ୧୮/୯ (ନି.ପ୍ର): ୟୁଏଇରୁ ଅଢେଇ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆଣିବା ପରେ ଓଡ଼ିଶା ପାଇଁ ଆଉ ଏକ ଖୁସି ଖବର ଆଣିଛନ୍ତି ମୁଖ୍ୟମନ୍ତ୍ରୀ। ଆଗକୁ ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍। ଦିଲ୍ଲୀରେ ଆୟୋଜିତ ସେମିକନ୍ ଇଣ୍ଡିଆ ୨୦୨୬ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଏକଥା କହିଛନ୍ତି ମୁଖ୍ୟମନ୍ତ୍ରୀ। କେନ୍ଦ୍ର ସରକାରଙ୍କ ଫୋକସ୍‌ରେ ଓଡ଼ିଶା ରହିଛି। ଆଗକୁ ଆସିବ ୩୦ ହଜାର ୫୦୦ କୋଟି ଟଙ୍କାର ନିବେଶ। ନୂଆଦିଲ୍ଲୀରେ ଆୟୋଜିତ ସେମିକନ୍ ଇଣ୍ଡିଆ-୨୦୨୬ରେ ସାମିଲ୍ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଦିଲ୍ଲୀର ଯଶୋଭୂମିଠାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଓଡ଼ିଶା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ ହୋଇଛି। ଓଡ଼ିଶାରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ଅଧିକ ଶକ୍ତିଶାଳୀ କରିବା ସହିତ ପୁଞ୍ଜିନିବେଶ, ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶାର ସେମିକଣ୍ଡକ୍ଟର ପ୍ରସ୍ତାବକୁ ସମ୍ମୁଖକୁ ଆଣିବା ଏବଂ ସେମିକଣ୍ଡକ୍ଟର ନିର୍ମାଣ ଓ ପୁଞ୍ଜିନିବେଶର ସୁଯୋଗ ନେଇ ପ୍ରଦର୍ଶିତ ହୋଇଛି ମଡେଲ୍। ମୋଦୀ ସରକାର ମଞ୍ଜୁର କରିଥିବା ୨ଟି ପ୍ରକଳ୍ପ ଯୋଗୁଁ ଓଡ଼ିଶା ଆଜି ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହେବାକୁ ଯାଉଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍। ଏଥିପାଇଁ ବିଶ୍ୱସ୍ତରୀୟ କମ୍ପାନୀ ଇଣ୍ଟେଲ୍ ଓ ଥ୍ରିଡିଜିଏସ୍ ମଧ୍ୟରେ ଯେଉଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି, ତାହା ମାଧ୍ୟମରେ ଓଡ଼ିଶାରେ ବ୍ୟାପକ ନିବେଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହାଦ୍ୱାରା ରାଜ୍ୟକୁ ପ୍ରାୟ ୩୦ ହଜାର ୫୦୦ କୋଟି ଟଙ୍କାର ନିବେଶ ଆସିବ। ତାସହ ୧୮ଶହ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ।

◆◆ପୃଷ୍ଠା ୭

# ମଣିପୁର ହିଂସା: ୨୫ ସନ୍ଦେହଜନକ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ, ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୮/୯ : ମଣିପୁର ହିଂସା ଏବଂ ରିଲିଫ୍ କ୍ୟାମ୍ପରେ ଘଟିଥିବା ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ରିଲିଫ୍ କ୍ୟାମ୍ପରେ ଆଭ୍ୟନ୍ତରୀଣ ଭାବେ ବିସ୍ଥାପିତ ୨୫ ଜଣଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ରାଜ୍ୟ ସରକାରଙ୍କୁ ତଥ୍ୟ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ । ସମସ୍ତ ୨୫ଟି ମୃତ୍ୟୁ ଘଟଣାର ପୋଷ୍ଟମର୍ଟମ ରିପୋର୍ଟ, ମୃତ୍ୟୁର କାରଣ ସମ୍ପର୍କିତ ନଥିପତ୍ର ସହ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ମଣିପୁର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୩ ମସିହାର ମଣିପୁର ଜାତିଗତ ହିଂସା ସହ ଜଡ଼ିତ ଯୌନ ହିଂସା ମାମଲାର ତଦନ୍ତ ଓ ପ୍ରକ୍ରିୟା ସମ୍ପର୍କିତ ପିଟିସନର ଶୁଣାଣି ସମୟରେ ଏହି ପ୍ରସଙ୍ଗ ଉଠିଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ରିଲିଫ୍ କ୍ୟାମ୍ପରେ ଘଟିଥିବା ୨୫ଟି ସନ୍ଦେହଜନକ ମୃତ୍ୟୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଜୁଲାଇ ୪ ତାରିଖରେ କମିଟି ପକ୍ଷରୁ ଏହି ୨୫ଟି ମୃତ୍ୟୁ ଘଟଣା ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ଏନେଇ ମଣିପୁରର ଆଡଭୋକେଟ୍ ଜେନେରାଲଙ୍କୁ ମଧ୍ୟ କୋର୍ଟ ପ୍ରଶ୍ନ କରିଥିଲେ।

◆◆ପୃଷ୍ଠା ୭

# ବୀମା ନଥିଲେ ପେଟ୍ରୋଲ-ଡିଜେଲ ମିଳିବନି: ନମ୍ବର ପ୍ଲେଟ୍ ସ୍କାନ୍ କରି ଯାଞ୍ଚ ହେବ ଗାଡ଼ିର ଇନ୍‌ସ୍ୟୁରାନ୍ସ



ନୂଆଦିଲ୍ଲୀ,୧୮/୯ : ଦେଶରେ ଗାଡ଼ି ଚାଳକଙ୍କ ପାଇଁ ବୀମାକୁ ନେଇ ଆସିପାରେ ବଡ଼ ପରିବର୍ତ୍ତନ। ଯଦି ଆପଣ କାର, ବାଇକ୍ କିମ୍ବା ଅନ୍ୟ କୌଣସି ଗାଡ଼ି ଚଲାଉଛନ୍ତି ଏବଂ ନିୟମିତ ଭାବେ ପେଟ୍ରୋଲ-ଡିଜେଲ ଭରାଉଛନ୍ତି, ତେବେ ଏହି ନୂଆ ବ୍ୟବସ୍ଥା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ବୈଧ ଥାର୍ଡ-ପାର୍ଟି ମୋଟର ଇନ୍‌ସ୍ୟୁରାନ୍ସ ନଥିବା ଗାଡ଼ି ଚଳାଇବା ଆଇନ ବିରୋଧୀ। ଏବେ ଭବିଷ୍ୟତରେ ଏଭଳି ଗାଡ଼ିକୁ ଇନ୍ଧନ ମିଳିବା ମଧ୍ୟ କଷ୍ଟକର ହୋଇପାରେ। ରିପୋର୍ଟ ଅନୁସାରେ, ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ଏକ ପାଇଲଟ୍ ପ୍ରକଳ୍ପ ପ୍ରସ୍ତୁତ କରୁଛି। ଏହା ମାଧ୍ୟମରେ ପେଟ୍ରୋଲ ପମ୍ପରେ ଗାଡ଼ିର ନମ୍ବର ପ୍ଲେଟ୍ ସ୍କାନ୍ କରି ଏହାର ବୀମା ବୈଧ କି ନାହିଁ ଯାଞ୍ଚ କରାଯାଇପାରିବ। ଏଥିପାଇଁ ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକୋଗନେସନ୍ କ୍ୟାମେରା ବ୍ୟବହାର ହେବ। କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟ୍ ପଢ଼ିବା ପରେ ସେହି ନମ୍ବରକୁ ଇନ୍ସ୍ୟୁରାନ୍ସ ଇନଫରମେସନ୍ ବ୍ୟୁରୋ ଏବଂ ଠଇଐଇଘ ରେକର୍ଡ ସହ ମେଳ କରାଯିବ। ଏହାଦ୍ୱାରା ଗାଡ଼ିର ବୈଧ ଥାର୍ଡ-ପାର୍ଟି ଇନ୍‌ସ୍ୟୁରାନ୍ସ ଅଛି କି ନାହିଁ ଜଣାପଡ଼ିପାରିବ। ପାଇଲଟ୍ ପ୍ରକଳ୍ପ ସଫଳ ହେଲେ ଆଗାମୀ ଦିନରେ ପେଟ୍ରୋଲ ପମ୍ପରେ ଇନ୍ଧନ ଭରିବା ପୂର୍ବରୁ ବୀମା ଯାଞ୍ଚ ବ୍ୟବସ୍ଥା ଲାଗୁ ହୋଇପାରେ। ବୀମା ନଥିଲେ ପେଟ୍ରୋଲ କିମ୍ବା ଡିଜେଲ ଦେବାକୁ ମନା କରିବାର ବ୍ୟବସ୍ଥା ମଧ୍ୟ ଆସିପାରେ। ଏହି ପଦକ୍ଷେପ ସୁପ୍ରିମକୋର୍ଟଙ୍କ ଅଗଷ୍ଟ ୪ର ନିର୍ଦ୍ଦେଶ ସହ ଜଡ଼ିତ। କୋର୍ଟ ଓଜଉଇଓକୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସହ ମିଶି ଏଭଳି ପାଇଲଟ୍ ପ୍ରକଳ୍ପର ସମ୍ଭାବନା ଯାଞ୍ଚ କରିବାକୁ କହିଥିଲେ। ସୁପ୍ରିମକୋର୍ଟରେ ଦିଆଯାଇଥିବା ତଥ୍ୟ ଅନୁସାରେ, ଦେଶରେ ପଞ୍ଜୀକୃତ ୩୦.୪୮ କୋଟି ଗାଡ଼ି ମଧ୍ୟରୁ ୧୬.୫୪ କୋଟି ଗାଡ଼ିର ବୈଧ ବୀମା ନଥିଲା। ଅର୍ଥାତ୍ ପ୍ରାୟ ୫୬ ପ୍ରତିଶତ ପଞ୍ଜୀକୃତ ଗାଡ଼ି ଏହି ଦାୟରାରେ ଆସୁଛି।

# ୟୁରୋପରୁ ୪୦ ହଜାର ସୈନ୍ୟ ହଟାଇବ ଆମେରିକା



ନୂଆଦିଲ୍ଲୀ,୧୮/୯ : ୟୁରୋପରେ ନିଜର ସାମରିକ ଉପସ୍ଥିତିକୁ ବ୍ୟାପକ ଭାବେ ହ୍ରାସ କରିବା ପାଇଁ ଆମେରିକା ପ୍ରତିରକ୍ଷା ବିଭାଗ ''ପେଣ୍ଟାଗନ୍'' ଏକ ଗୁରୁତ୍ୱପୂର୍ଣ୍ଣ ବିଚାର କରୁଛି। ପ୍ରସ୍ତାବିତ ନୀତି ଅନୁସାରେ, ୟୁରୋପରେ ମୁତୟନ ଥିବା ମୋଟ ୮୦,୦୦୦ ଆମେରିକୀୟ ସୈନ୍ୟଙ୍କ ମଧ୍ୟରୁ ପ୍ରାୟ ୨୫,୦୦୦ରୁ ୪୦,୦୦୦ ସୈନ୍ୟଙ୍କୁ (ପ୍ରାୟ ୫୦ ପ୍ରତିଶତ) ପ୍ରତ୍ୟାହାର କରାଯାଇପାରେ। ଏହାସହ ସେଠାରେ ମୁତୟନ ଥିବା ଯୁଦ୍ଧବିମାନ, ନୌସେନା ସମ୍ପଦ ଏବଂ ଅନ୍ୟାନ୍ୟ ସାମରିକ ସରଞ୍ଜାମ ମଧ୍ୟ ହ୍ରାସ କରାଯିବାର ସମ୍ଭାବନା ରହିଛି। ୧୯୯୦ ଦଶକର ଶୀତଳ ଯୁଦ୍ଧ ପରଠାରୁ ୟୁରୋପୀୟ ମହାଦେଶରେ ଆମେରିକାର ଏହା ସବୁଠାରୁ ବଡ଼ ସାମରିକ ପ୍ରତ୍ୟାହାର ହେବ।

◆◆ପୃଷ୍ଠା ୭

# ଭତ୍ତା ଓ ଘର ପାଇଁ ଗୁହାରି ଜଣାଇଲେ 'ଲକ୍ଷ୍ମୀ'



ଉଦଳା ,୧୮/୦୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକର ଶିଳଘାଟି ପଂଚାୟତ ଅନ୍ତର୍ଗତ ହୁଡ଼ିସାହି ଗ୍ରାମର ବାସିନ୍ଦା ସନ୍ତୋଷ ରଣାଙ୍କର ସହଧର୍ମିଣୀ ଲକ୍ଷ୍ମୀ ରଣା ଚଳିତ ବର୍ଷ ୬୪ବର୍ଷ ବୟସରେ ପଦାର୍ପଣ କଲେ । ଘୋର ଅଭାବ, ଅନାଟନ ଭିତରେ ଦିନ ବିତାଉଥିବା ଲକ୍ଷ୍ମୀଙ୍କ ପରିବାର ଖୁବ୍ ଦୁଃଖ ଓ ଯନ୍ତଣା ଭିତରେ ଦିନ ବିତାଇବାକୁ ବାଧ ହେଉଛନ୍ତି । ଲକ୍ଷ୍ମୀଙ୍କୁ ବୟସ ହୋଇ ଯାଇଥିବାରୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ଯୋଗାଇ ଦେବାକୁ ସେ ଗୁହାରି ଜଣାଇଛନ୍ତି । ସେହିପରି ଆବାସ ଯୋଜନାରେ ଘର ମିଳି ନଥିବାରୁ ମାଟିକାନ୍ଥ ଓ ନଡ଼ାଛପର ଘରେ ଦିନ ବିତାଇବାକୁ ସେ ବାଧ ହେଉଥିବାର କହିଛନ୍ତି । ପାଇଖାନା ଓ ପାଣି ପାଇଁ ପୁରା ପରିବାରକୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର କଥା ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ଏପରିକି ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାରୀ ବାବୁ ମାନେ ୫ହଜାର ଟଙ୍କା ମାଗୁଥିବାର କଥା କହିଛନ୍ତି । ଟଙ୍କା ଦେଇନପାରିବାରୁ ତାଙ୍କୁ ଏପର୍ଯ୍ୟନ୍ତ ଘର ମିଳିନଥିବାର ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ବିଦ୍ୟୁତ୍ ତାର ଚୋରି କରିବାକୁ ଯାଇ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଯୁବକଙ୍କ ପ୍ରାଣ ଗଲା, ସାଥିରେ ଥିବା ୫ ଯୁବକ ଗିରଫ

ଝାରସୁଗୁଡ଼ା,୧୮/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅଧିନସ୍ଥ ସିରିଆପାଲି ଗ୍ରାମରେ ନିଖୋଜ ହେବାର ୫ ଦିନ ପରେ ଏହି ଗ୍ରାମର ଦେବେନ୍ଦ୍ର ସୁନାନୀ(୧୯) ନାମକ ଜଣେ ଯୁବକଙ୍କ ଗଳିତ ଶବ ୪୯ ନମ୍ବର ଜାତୀୟ ରାଜପଥ କଡ ଗାଁ ନିକଟ ନାଳ ହିଡରୁ ଉଦ୍ଧାର କରାଯାଇଥିଲା । ଶବ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା । ଝାରସୁଗୁଡ଼ା ଏସଡିପିଓ ଉମାଶଙ୍କର ସିଂ ଙ୍କ ତତ୍ୱାବଧାନରେ କୋଲାବିରା ଥାନାର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଚାଲୁରହିଲା । ତେବେ ସିରିଆପାଲି ନିକଟସ୍ଥ କୁମୁଡ଼ାପାଲିକୁ ବିଦ୍ୟୁତ୍ ତାର ଚୋରି କରିବାକୁ ଯାଇ ମୃତ ମୃତ ଯୁବକ ଦୁର୍ଘଟଣାର ଶିକାର ହେବା ସହ ଚୋରି ଘଟଣାକୁ ଲୁଚାଇବା ପାଇଁ ସାଥିରେ ଥିବା ଅନ୍ୟ ସହଯୋଗୀମାନେ ଦେବେନ୍ଦ୍ରଙ୍କୁ ଘଟଣାସ୍ଥଳ ଠାରୁ ଦୂରରେ ସିରିଆପଲି ନାଳ ହିଡ଼ ଉପରେ ଏକ ବୁଦାଳିଆ ସ୍ଥାନରେ ଫିଙ୍ଗି ଦେଇ ଚାଲି ଯାଇଥିବା ଅଭିଯୋଗ ହୋଇଛି । ମୃତ ଦେବେନ୍ଦ୍ର ବିଦ୍ୟୁତ୍ ତାର କାଟିବା ପାଇଁ ବିଦ୍ୟୁତ୍ ଖୁମ୍ବକୁ ଚଢ଼ିଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏହାସହ ଦେବେନ୍ଦ୍ରଙ୍କ ଶବ ମିଳିବା ପୂର୍ବରୁ ତାଙ୍କର ମା ଝାରସୁଗୁଡ଼ା ଏସପି ଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ଏଥିରେ ସେ ମନିଷ ସୁହୁଲା ନାମକ ଜଣେ ଯୁବକ ତାଙ୍କ ପୁଅକୁ ଗତ ୧୦ ତାରିଖ ସନ୍ଧ୍ୟାରେ ଘରୁ ଡାକି ନେଇଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ । ଶେଷରେ ପୋଲିସ ୫ ଜଣ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରିବା ସହ ଗିରଫ କରିଛି । ଗିରଫ ଯୁବକ ମାନେ ହେଲେ କୋଲାବିରା ଥାନା ଠରକିମାଲ ଗ୍ରାମର ଦୟାନିଧି କିସାନ(୨୪), ଝାରସୁଗୁଡ଼ା ଥାନା କୁମୁଡ଼ାପାଲି ଗ୍ରାମର ରଜତ ଦେହୁରିଆ (୧୯), ଲଇକେରା ଥାନା ଭାତଲଇଡା ଗ୍ରାମର ମନିଷ ସୁହୁଲିଆ(୨୦), ଲଇକେରା। ଥାନା କିର୍ମିରା ବ୍ଲକ ସିଆଲରମା ଗ୍ରାମର ଧନେଶ୍ୱର ଜାମୁତୋଲିଆ (୧୯) ଓ ସ୍ୱାଧୀନ କୁଆ(୧୯) । କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗିରଫ ୫ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । ଏହାସହ ସନ୍ଧ୍ୟାରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ କରିଛି । ଏନେଇ କୋଲାବିରା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ ଗିରଫ ୫ ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି ।

# ଚିପଟ ନଦୀ ପୋଲ ତଳୁ ଅଜଣା ମୃତଦେହ ଉଦ୍ଧାର: ପୋଲିସର ତଦନ୍ତ ଜାରି



ବାରିପଦା,୧୮/୦୯ (ନି.ପ୍ର): ବାରିପଦା ଭଞ୍ଜପୁର ଥାନା ଅନ୍ତର୍ଗତ ଚିପଟ ନଦୀ ପୋଲ ତଳୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ, ବୁଧବାର ସକାଳ ସମୟରେ କିଛି ସ୍ଥାନୀୟ ଲୋକ ଶୌଚ ହେବା ଉଦ୍ଦେଶ୍ୟରେ ଚିପଟ ନଦୀ କୂଳକୁ ଯାଇଥିବା ବେଳେ ପୋଲ ତଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା ଏବଂ ସଙ୍ଗେ ସଙ୍ଗେ ଏ ବାବଦରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସକୁ ସୂଚନା ଦିଆ ଯାଇଥିଲା। ଖବର ପାଇ ବାରିପଦା ଅଗ୍ନିଶମ ବାହିନୀର ଏକ ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନଦୀ ଜଳରୁ ମୃତଦେହଟିକୁ ଉଦ୍ଧାର କରିଥିଲେ। ପରେ ଭଞ୍ଜପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶବ ଜବଦ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପ୍ରାଥମିକ ଆକଳନ ଅନୁସାରେ ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କର କୌଣସି ନାମ କିମ୍ବା ପରିଚୟ ମିଳିପାରି ନାହିଁ। ବ୍ୟକ୍ତିଜଣକ କେଉଁ ପରିସ୍ଥିତିରେ ନଦୀକୁ ଆସିଥିଲେ କିମ୍ବା ତାଙ୍କର ମୃତ୍ୟୁ ପାଣିରେ ବୁଡ଼ି ହୋଇଛି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଖବର ପାଇ ଭଞ୍ଜପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଥିବା ବେଳେ, ବ୍ୟକ୍ତିଙ୍କ ପରିଚୟ ଖୋଜି ବାହାର କରିବା ପାଇଁ ଆଖପାଖ ଥାନା ଗୁଡ଼ିକ ସହିତ ଯୋଗାଯୋଗ କରାଯାଉଛି। ତେବେ ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରି ନଥିବାରୁ ପୋଲିସ ନିୟମ ମୁତାବକ ୭୨ ଘଣ୍ଟା ଶବକୁ ସଂରକ୍ଷିତ ରଖିଛି ପରବର୍ତ୍ତୀ ସମୟରେ ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଭଞ୍ଜପୁର ଥାନା ଆଇଆଇସି ରଶ୍ମି ରଞ୍ଜନ ପୃଷ୍ଟି କହିଛନ୍ତି।

# ଭଦ୍ରକ ଜିଲ୍ଲାରେ ମିଶନ ଶକ୍ତି ପକ୍ଷରୁ ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମ

ଭଦ୍ରକ,୧୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ମିଶନ ଶକ୍ତି ପକ୍ଷରୁ 'ଆଶୀର୍ବାଦ ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଆୟୋଜନ ଏକତା, ସେବା ଓ ସାମାଜିକ ସଂକଳ୍ପର ବାର୍ତ୍ତା ପ୍ରଦାନ କରିଥିଲା। ମିଶନ ଶକ୍ତି ସହ ଜଡ଼ିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟାମାନେ ଏହି ଅବସରରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

# ୧୧ ଦିନରେ ପହଂଚିଲା ଛାତ୍ର ସାମ୍ମୁଖ୍ୟର ରିଲେ ଅନଶନ: ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତିଭୂମି ବିକାଶ ଦାବି, ଆନ୍ଦୋଳନକୁ ବଢ଼ୁଛି ଜନସମର୍ଥନ

ଝାରସୁଗୁଡ଼ା,୧୮/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ସମେତ ୪ ଦଫା ଦାବି ନେଇ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଚାଲିଥିବା ରିଲେ ଅନଶନ ଶୁକ୍ରବାର ୧୧ ଦିନରେ ପହଂଚିଛି। ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ପଦକ୍ଷେପ ଆସିନଥିବା ନେଇ ଆନ୍ଦୋଳନରତ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତ୍ର ସାମ୍ମୁଖ୍ୟର ପ୍ରମୁଖ ଦାବି ମଧ୍ୟରେ ପୁରାତନ ଏଲ୍.ଏନ୍. କଲେଜର ସମ୍ପୂର୍ଣ୍ଣ ସରକାରୀକରଣ, ଝାରସୁଗୁଡ଼ା ଯାନ୍ତିକ ସ୍କୁଲକୁ ଯାନ୍ତିକ କଲେଜରେ ଉନ୍ନୀତ କରିବା, ଉପାନ୍ତ ୧୯ ଖଣ୍ଡ ମୌଜାରେ ସରକାରୀ ଡିଗ୍ରୀ କଲେଜ ସ୍ଥାପନ ଏବଂ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ରହିଛି। ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ଜିଲ୍ଲାରେ ଉଚ୍ଚଶିକ୍ଷା ଓ ଚିକିତ୍ସା ଶିକ୍ଷାର ସୁଯୋଗ ବୃଦ୍ଧି ପାଇଁ ଏହି ଦାବିଗୁଡ଼ିକ ଦୀର୍ଘଦିନ ଧରି ଉଠାଯାଇଆସୁଛି। ଦାବି ନେଇ ଚାଲିଥିବା ରିଲେ ଅନଶନକୁ ବିଭିନ୍ନ ବର୍ଗର ଲୋକେ ସମର୍ଥନ ଜଣାଉଥିବା ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଅନଶନସ୍ଥଳରେ ପୂର୍ବତନ ସରପଂଚ ବଳରାମ ପାଣ୍ଡେ, ଆଦିବାସୀ ନେତା ପ୍ରଭାକର ଓରାମ, ସମ୍ପାଦକ କ୍ଷେତ୍ରବାସୀ ସାହୁ, ସମାଜସେବୀ ରବୀନ୍ଦ୍ର ସୋହେଲା, ଜ୍ଞାନେନ୍ଦ୍ର ବେହେରା, ପ୍ରଦୀପ ସାହୁ ଓ ତ୍ରିଲୋଚନ ଡନସନା ପ୍ରମୁଖ ଉପସ୍ଥିତ ରହି ଛାତ୍ରମାନଙ୍କୁ ସମର୍ଥନ ଜଣାଇଥିଲେ। ସନ୍ଧ୍ୟା ୫ଟାରେ ଜାତୀୟ ସଙ୍ଗୀତ ଗାନ ପରେ ୧୧ତମ ଦିନର ଅନଶନ ସ୍ଥଗିତ ରହିଥିଲା। ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ରିଲେ ଅନଶନ ଜାରି ରଖିବାକୁ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଛି। ସଭାପତି ଅସୀମ ପଟେଲ, ସଂଗଠନ ସମ୍ପାଦକ ଜିତେନ୍ଦ୍ରୀୟ ଧୁରୁଆ, ଉପସଭାପତି ରବି ରୋହିଦାସ ଓ ଯୁଗ୍ମ ସମ୍ପାଦକ ନନ୍ଦୁ ରୋହିଦାସଙ୍କ ନେତୃତ୍ୱରେ ଶନିବାର ସକାଳ ୧୦ଟାରୁ ୧୨ତମ ଦିନର ଅନଶନ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଦୀର୍ଘ ୧୧ ଦିନ ଧରି ଆନ୍ଦୋଳନ ଜାରି ରହିଥିବାରୁ ଛାତ୍ର ସାମ୍ମୁଖ୍ୟର ଦାବି ଉପରେ ସରକାରଙ୍କ ପରବର୍ତୀ ପଦକ୍ଷେପ କ'ଣ ହେବ, ତାହା ଉପରେ ଏବେ ଜିଲ୍ଲାବାସୀଙ୍କ ନଜର ରହିଛି।

# ଜଳବନ୍ଦୀରେ ଖୋର୍ଦ୍ଧା ପୌରପରିଷଦର ୮ ନମ୍ବର ୱାର୍ଡବାସୀ




ଖୋର୍ଦ୍ଧା,୧୮/୦୯ (ନି.ପ୍ର): ଖୋର୍ଦ୍ଧା ପୌରପରିଷଦର ୮ ନମ୍ବର ୱାର୍ଡରେ ଡ୍ରେନେଜ ବ୍ୟବସ୍ଥାର ଅବ୍ୟବସ୍ଥା ଯୋଗୁଁ ଜଳବନ୍ଦୀ ସମସ୍ୟା ଉଗ୍ର ରୂପ ନେଇଛି । ବିଶେଷକରି ଅରବିନ୍ଦ ନଗର ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁନଥିବାରୁ ଅନେକ ଘର ଭିତରେ ପାଣି ପଶୁଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଖୋର୍ଦ୍ଧା ପୌରପରିଷଦର ୫, ୬ ଓ ୮ ନମ୍ବର ୱାର୍ଡର ବର୍ଷା ଜଳ ସ୍ୱପ୍ନେଶ୍ୱର ମନ୍ଦିର ସମ୍ମୁଖସ୍ଥ ପ୍ରଦର୍ଶନୀ ପଡ଼ିଆ ନିକଟରେ ଥିବା ଖାଲରେ ଜମା ହୋଇ ରହୁଛି । ଫଳରେ ୮ ନମ୍ବର ୱାର୍ଡର ଅରବିନ୍ଦ ନଗର ଅଞ୍ଚଳରେ ରାସ୍ତା ଉପରେ ପ୍ରାୟ ୪ ଫୁଟ ଉଚ୍ଚତାର ପାଣି ଜମି ରହୁଛି । ଏହା ଯୋଗୁଁ ସାଧାରଣ ଜନଜୀବନ ବ୍ୟାହତ ହେବା ସହ ଯାତାୟାତରେ ମଧ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ଅଭେନର ଷ୍ଟାର ସ୍କୁଲ ଗେଟ ସାମନା ଜଳରେ ପରିପୂର୍ଣ୍ଣ । ଶିଶୁ ମାନଙ୍କୁ ବିଦ୍ୟାଳୟରେ ଛାଡିବାକୁ ଆସୁଥିବା ଅଭିବାବକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଅଞ୍ଚଳରେ ବସବାସ କରୁଥିବା ହୋମିଓପାଥି ଚିକିତ୍ସକ ଡାକ୍ତର ପ୍ରକାଶ ସାହୁଙ୍କ କ୍ଲିନିକକୁ ଆସୁଥିବା ରୋଗୀମାନେ ମଧ ଜଳବନ୍ଦୀ ପରିସ୍ଥିତି ଯୋଗୁଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ସମସ୍ୟା ସମ୍ପର୍କରେ ପୌରପରିଷଦର ଯନ୍ତ୍ରୀ (ଜେଇ), ପୌରାଧକ୍ଷା ଏବଂ ସମ୍ପୃକ୍ତ କାଉନ୍ସିଲରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇନାହିଁ । କେବଳ ଆଶ୍ୱାସନ ମିଳୁଥିବା ବେଳେ ପ୍ରକୃତ ସମାଧାନ ହୋଇନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାମାନେ ପୌରପରିଷଦ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।

# ୨୪ତମ ପ୍ରାଦେଶିକ ସଂସ୍କୃତି ମହୋତ୍ସବ ଉଦଘାଟିତ

ବଲାଙ୍ଗିର,୧୮/୦୯ (ନି.ପ୍ର): ସ୍ଥାନୀୟ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ତିନି ଦିନ ଧରି ହେବାକୁ ଥିବା ୨୪ତମ ପ୍ରାଦେଶିକ ସଂସ୍କୃତି ମହୋତ୍ସବ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମର ଅଧକ୍ଷ ଇଂ. ବେଲାଲ ସିଂ ଭୋଇ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ତପୋବନ ଆଶ୍ରମ ର ସ୍ୱାମୀ ତେଜୋମୟା ନନ୍ଦ,ମୁଖ୍ୟ ବକ୍ତା ଭାବେ ଅଧକ୍ଷ ଶିକ୍ଷା ବିକାଶ ସମିତି,ଓଡ଼ିଶା କମଳାକାନ୍ତ ମିଶ୍ର,ସମ୍ମାନୀତ ଅତିଥି ଭାବେ ପୂର୍ବକ୍ଷେତ୍ର କାର୍ଯ୍ୟକାରିଣୀ ସଦସ୍ୟ ଦିବାକର ଘୋଷ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସ୍ୱାମୀ ତେଜୋମୟା ନନ୍ଦ ନିଜ ବକ୍ତବ୍ୟରେ ଭାରତୀୟ ସଂସ୍କୃତି ହେଉଛି ଆମ ଜାତୀୟ ଜୀବନର ମୂଳ ଆଧାର ବୋଲି କହିବା ସହ ଆମର ପରମ୍ପରା, ମୂଲ୍ୟବୋଧ, ଆଚାର -ବିଚାର ଓ ଜୀବନ ଦର୍ଶନକୁ ନୂତନ ପିଢ଼ି ମଧ୍ୟରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟ ବକ୍ତା ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଶିକ୍ଷା କେବଳ ପାଠ୍ୟ ପୁସ୍ତକ ମଧ୍ୟରେ ସୀମିତ ନୁହେଁ;ସଂସ୍କାର,ସଂସ୍କୃତି ଓ ଜୀବନମୂଲ୍ୟ ହିଁ ଶିକ୍ଷା କୁ ସମ୍ପୂର୍ଣ୍ଣ କରିଥାଏ ବୋଲି କହିବା ସହ ଆଜିର ଛାତ୍ରଛାତ୍ରୀ ଆଗାମୀ ଦିନର ସମାଜ ଓ ରାଷ୍ଟ୍ରର ନେତୃତ୍ୱ ନେବେ ବୋଲି କହିଥିଲେ। ସମ୍ମାନୀତ ଅତିଥି ଶ୍ରୀ ଘୋଷ ନିଜ ବକ୍ତବ୍ୟରେ ଆମର ସମୃଦ୍ଧ ସଂସ୍କୃତି ଓ ପରମ୍ପରା କୁ ସୁରକ୍ଷିତ ରଖି ଆଗାମୀ ପିଢ଼ି କୁ ହସ୍ତାନ୍ତର କରିବା ଆଜିର ସମୟର ଆବଶ୍ୟକତା ବୋଲି କହିଥିଲେ।ପରିଚୟ ପ୍ରଦାନ କରିଥିଲେ ସଂଯୋଜକ ଦକ୍ଷିଣ-ପଶ୍ଚିମ ସମ୍ଭାଗ ପ୍ରକାଶ ଚନ୍ଦ୍ର ତ୍ରିପାଠୀ,ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ପ୍ରାନ୍ତ ସଂସ୍କୃତି ବୋଧ ସଂଯୋଜକ ଆଶିଷ କୁମାର ରଥ।ଧନ୍ୟବାଦ ଦେଇଥିଲେ ତ୍ରିବିକ୍ରମ ଦାଶ,ସଭାପତି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,କଲେଜ ଛକ ବଲାଙ୍ଗୀର।ସଭାପରେ ସଂସ୍କୃତି ବୋଧ ପ୍ରଶ୍ନ ମଂଚ,ଆଚାର୍ଯ୍ୟପତ୍ର ବାଚନ, ମୂର୍ତିକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୭୪ଜଣ ଛାତ୍ର,୧୧୦ଜଣ ଛାତ୍ରୀ,୭୫ଜଣ ମାର୍ଗଦର୍ଶକ ଶିକ୍ଷକ ଯୋଗଦେଇଛନ୍ତି। କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର, ସମ୍ପାଦକ ନୀଳାଂଚଳ ଚିର୍ଗୁନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବ ମାଧମରେ ବିଭିନ୍ନ ପ୍ରତିଭାର ପ୍ରଦର୍ଶନ ସହ ପରସ୍ପର ଭାବ ବିନିମୟ ସୁଯୋଗ ସୃଷ୍ଟି ହେଉଛି।

# ଭଦ୍ରକ ଜିଲା ଗାଁ ସାଥୀ (ମେଟ୍) ମଜଦୁର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,୧୮/୦୯ (ନି.ପ୍ର): ୨୦୦୮ ମସିହାରୁ ନିଯୁକ୍ତି ପାଇଥିବା ଆମ ଗାଁ ସାଥୀ (ମେଟ୍) ମାନଙ୍କୁ ମାସିକ ସର୍ବନିମ୍ନ ୧୫ ହଜାର ଟଙ୍କା ଦରମା ପ୍ରଦାନ କରିବା ସହିତ ସାମାଜିକ ସୁରକ୍ଷାର ସୁବ୍ୟବସ୍ଥା କରାଯିବା, ବ୍ଲକ୍ କ୍ୟାଡରଭୁକ୍ତ କରିବା, ଦୀର୍ଘଦିନ ଧରି ବକେୟା ଥିବା ସେମି ସ୍କିଲଡ୍ ପେମେଂଟ ତୁରନ୍ତ ପ୍ରଦାନ କରାଯିବା ଭଳି ଦାବିନେଇ ଆଜି ଭଦ୍ରକ ଜିଲା ଗାଁ ସାଥୀ (ମେଟ୍) ମଜଦୁର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାଜ୍ୟ ଗାଁ ସାଥୀ (ମେଟ୍) ମଜଦୁର ସଂଘର ସଭାପତି ଭରତ ଚନ୍ଦ୍ର ବାରିକ, ସଂପାଦକ ଅମର କୁମାର ମଲ୍ଲିକଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କୁମାର ଦାସ, ରାଜକିଶୋର ନାୟକ, ତ୍ରିଲୋଚନ ରାଉତ, ଗୟାଧର ମହାକୁଡ ପ୍ରମୁଖ ଦେଇଥିବା ସ୍ମାରକପତ୍ର ମୂଳେ ଦୀର୍ଘ ୧୮ ବର୍ଷ ଧରି ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା ଆଧାରରେ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ଗାଁ ସାଥୀମାନେ ସରକାରଙ୍କ କାର୍ଯ୍ୟକୁ ସଫଳ ରୂପାୟନ କରିଆସୁଛନ୍ତି।

# ଟଙ୍କା ଦ୍ୱିଗୁଣିତ ପ୍ରତିଶ୍ରୁତିରେ ନକଲି ଆଇଡିରେ ଲକ୍ଷାଧିକ ଟଙ୍କା ଠକେଇ : ୩ ଅଭିଯୁକ୍ତ ଗିରଫ, ନଗଦ ଓ ସୁନା ଅଳଙ୍କାର ଜବତ

ସମ୍ବଲପୁର,୧୮/୦୯ (ନି.ପ୍ର): ଫେସବୁକରେ ନକଲି ଆଇଡି ଖୋଲି ଟଙ୍କା ଦ୍ୱିଗୁଣିତ କରାଇବା ଲକ୍ଷ୍ୟରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ତିନି ଭାଇ ଭଉଣୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଆର୍ଥିକ ଠକେଇ ଓ ଜାଲିଆତି ଅଭିଯୋଗରେ ସମ୍ବଲପୁର ସିସି ଆଣ୍ଡ ଇଓ ପୋଲିସ ଝାରସୁଗୁଡ଼ା ଅଂଚଳର ଦୁଇ ଭଉଣୀ ଓ ଭାଇ କୁ ଗିରଫ କରିଥିବା ଜଣାପଡ଼ିଛି । ଏ ସଂକ୍ରାନ୍ତରେ ୨୩/୨୬ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଦିଶା ଅଗ୍ରୱାଲ ନାମକ ଏକ ନକଲି ଫେସବୁକ ଆକାଉଣ୍ଟରେ ଡେମୋ ଦେଖାଇ ଝାରସୁଗୁଡ଼ା ଜିଲ୍ଲା ବାବୁପଡ଼ା, ପୁରୁଣାବସ୍ତି ଅଂଚଳର ୩୮ ବର୍ଷିୟା ଝରଣା ବାଦି, ୩୨ ବର୍ଷିୟ ଭାଇ ରାଜେଶ ବାଦି ଓ ସାନ ଭଉଣୀ ରାଜକୁମାରୀ ବାଦି କୁ ଗିରଫ କରାଯାଇଥିବା ଜଣାପଡିଛି। ସେମାନେ ସମ୍ବଲପୁର ସହରର ଅଇଁଠାପାଲି ଥାନା ଅନ୍ତର୍ଗତ କଇଁସି ର ସିଂହପାଲି ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ପୋଲିସ ଚଢ଼ାଉ ସମୟରେ ନଗଦ ୧୫ ଲକ୍ଷ ୫୦ ହଜାର ଟଙ୍କା ଓ ପ୍ରାୟ ୧୨ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସହ ୨୦ଟି ମୋବାଇଲ୍ ଫୋନ୍, ଗୋଟିଏ ଲାପଟପ୍, ଗୋଟିଏ ଟାବ୍ଲେଟ୍, ଆକ୍ଟିଭା, ନକଲି ଆଧାର କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ସୁନା ଚେନ୍, ସୁନା ମୁଦି, କାନଫୁଲ, ରୁପା ପାଉଁଜି ଓ ଅନ୍ୟାନ୍ୟ ଅଳଙ୍କାର ରହିଛି। ପ୍ରେସ୍ ନୋଟ୍ ଅନୁଯାୟୀ, ଗୋଟିଏ ବ୍ଲୁ-ରେ ମେସିନ୍କୁ ନୋଟ୍ ଛାପିବା ମେସିନ୍ ଭାବେ ବ୍ୟବହାର କରାଯାଇଥିବା, ଅପରାଧ ସମୟରେ ବ୍ୟବହୃତ ପୋଷାକ, ଲାଲ୍ ବ୍ୟାଗ୍ ଓ ଧଳା ରଙ୍ଗର ହୋଣ୍ଡା ଆକ୍ଟିଭା ମଧ ଜବତ ହୋଇଛି। ମାମଲାର ଅଭିଯୋଗ ଅନୁସାରେ, ୨୯ ଜୁନ୍ ୨୦୨୬ରେ ଲିପାକ କୁମାର ପ୍ରଧାନ (୩୮) ସମ୍ବଲପୁର ସିସି ଆଣ୍ଡ ଇଓ ଥାନାରେ ଅଭିଯୋଗ କରିଥିଲେ। ଦିଶା ଅଗ୍ରୱାଲ ନାମକ ଜଣେ ମହିଳା ନିଜକୁ ଅଭିଯୋଗକାରୀଙ୍କ ପରିଚିତ ବୋଲି ପରିଚୟ ଦେଇ ଅଧିକ ଲାଭର ପ୍ରତିଶ୍ରୁତି ଦେଇ ୨୫ ଲକ୍ଷ ଟଙ୍କା ବିନିଯୋଗ କରିବାକୁ ପ୍ରବର୍ତାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ୨୪ ଜୁନ୍ରେ ହୋଟେଲ୍ କମ୍ଲେଶ କଂଟିନେଂଟାଲ୍, ଅନୁଗୁଳରେ ଅଭିଯୋଗକାରୀ ୨୦ ଲକ୍ଷ ଟଙ୍କା ଜଣେ ଯୁବକଙ୍କୁ ଏବଂ ୫ ଲକ୍ଷ ଟଙ୍କା ଦିଶା ଅଗ୍ରୱାଲଙ୍କୁ ଦେଇଥିଲେ। ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଏବଂ ବ୍ୟାଗରେ ଟଙ୍କା ବଦଳରେ ନୋଟପ୍ୟାଡ୍ର ବଣ୍ଡଲ ଥିବା ଅଭିଯୋଗକାରୀ ଜାଣିଥିଲେ। ପରବର୍ତୀ ତଦନ୍ତରେ ଟେକ୍ନିକାଲ୍ ଆନାଲିସିସ୍ ଓ ଅନ୍ୟ ବିଶ୍ୱସନୀୟ ସୂଚନା ଆଧାରରେ ସିଂହପାଲି, କଇଁସିରେ ଥିବା ଭଡ଼ାଘରେ ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୩ ଅଭିଯୁକ୍ତଙ୍କୁ ଧରାଯାଇଥିବା ପ୍ରେସ୍ ନୋଟ୍ରେ କୁହାଯାଇଛି।

# ଶ୍ରୀ ସିଦ୍ଧିବିନାୟକ ମହୋତ୍ସବ ଉଦ୍ଯାପିତ




ବାରିପଦା,୧୮/୦୯ (ନି.ପ୍ର): ବାରିପଦାରେ ନବ ପ୍ରତିଷ୍ଠିତ ସିଦ୍ଧିବିନାୟକ ମନ୍ଦିର ପରିସରରେ ଗଣେଶ ଚତୁର୍ଥୀ ଅବସରରେ ୫ ଦିନ ବ୍ୟାପୀ ଆୟୋଜିତ ଶ୍ରୀ ସିଦ୍ଧିବିନାୟକ ମହୋତ୍ସବର ଶେଷ ସନ୍ଧ୍ୟାରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଅବସରରେ କବି, ଗାଳ୍ପିକ, ସାମ୍ବାଦିକ, ସମାଜସେବୀ ତଥା ରାଜନୀତିଜ୍ଞ କବି ବିଷ୍ଣୁ ନାରାୟଣ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗୋଟିଏ ଜାତିର ସାଂସ୍କୃତିକ ବିକାଶରେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତ ରଖିଥିଲେ। ସେଦିନ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ ଯୁବା ହୃଦୟର ସେନସେସନ୍ ଚଳଚ୍ଚିତ୍ର ନାୟକ ସ୍ୱରାଜ ବାରିକ। ୨୭ ବର୍ଷ ତଳେ ଏହି ମଞ୍ଚରେ ନାଚିଥିବାରୁ ସେ ଗର୍ବିତ ବୋଲି ମତପ୍ରକାଶ କରିଥିଲେ। ଭଞ୍ଜମାଟି କଳାର ମାଟି। ତେଣୁ ଏହିଭଳି ଉତ୍ସବ ଆୟୋଜିତ ହେବା ଦ୍ୱାରା କଳାର ବିକାଶ ହୋଇପାରୁଛି ବୋଲି ସେ ମତ ରଖିଥିଲେ। ଆୟୋଜନ କମିଟିର ବରିଷ୍ଠ ସଦସ୍ୟ ଇଂ ମନୋଜ ଦଳବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜ୍ୟୋତିପ୍ରକାଶ ଦାସ, ସ୍ମୃତିପ୍ରକାଶ ଦାସ, ସୌଭାଗ୍ୟ ମହାପାତ୍ର, ଅଭିନ୍ନ ଦାସ, ବିପ୍ଳବ ଭଦ୍ର, ଦେବାଶିଷ ହୋତା, ନିରାକାର ବେହେରା ପ୍ରମୁଖଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶାନ୍ତ ପଟ୍ଟନାୟକ, ଅଭିଷେକ ମହାପାତ୍ର, ଦିଲ୍ଲୀପ ମହାନ୍ତ, ଶ୍ରୀଧର ବାରିକ, ଦିଲ୍ଲୀପ ବେହେରା, ନିହାରିକା ସାହୁଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ପୁରସ୍କୃତ କରାଯାଇଥିଲା। ପରିଶେଷରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଆଜିକାଲି ଉଚ୍ଚ ରକ୍ତଚାପସମସ୍ୟା ପ୍ରତ୍ୟେକ ବୟସର ଲୋକଙ୍କଠାରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଦୀର୍ଘ ସମୟ ଧରି ରକ୍ତଚାପ(ବିପି) ନିୟନ୍ତ୍ରଣରେ ନରହିଲେ ହୃଦଘାତ, ଷ୍ଟ୍ରୋକ୍?, କିଡ୍?ନୀ ରୋଗ ଏବଂ ଆଖି ସମ୍ବନ୍ଧୀୟ ଜଟିଳତା ବଢ଼ିବାର ଆଶଙ୍କା ଥାଏ। ତେବେ ସଠିକ୍ ଔଷଧ ସହିତ ଉପଯୁକ୍ତ ଖାଦ୍ୟପେୟ ମାଧ୍ୟମରେ ବିପିକୁ ନିୟନ୍ତ୍ରଣରେ ରଖାଯାଇପାରିବ। ବିଶେଷ କରି କିଛି ନିର୍ଦ୍ଦିଷ୍ଟ ପରିବାରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫାଇବର୍ ରକ୍ତଚାପକୁ ସନ୍ତୁଳିତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

### ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରୁଥିବା ପ୍ରମୁଖ ପରିବା:

ପାଳଙ୍ଗ: ପାଳଙ୍ଗରେ ପ୍ରଚୁର ପରିମାଣରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ନାଇଟ୍ରେଟ୍ସ ରହିଥାଏ। ଏହା ରକ୍ତବାହୀ ନଳୀକୁ ଶିଥିଳ କରିବା ସହ ଶରୀରରୁ ଅତିରିକ୍ତ ସୋଡିୟମ୍ ବାହାର କରିବାରେ ସାହାଯ୍ୟ କରେ।

ବିଟ୍ : ବିଟ୍ ହେଉଛି ପ୍ରାକୃତିକ ନାଇଟ୍ରେଟ୍?ସର ଏକ ଭଲ ଉତ୍ସ। ଶରୀରରେ ଏହା ନାଇଟ୍ରିକ୍ ଅକ୍ସାଇଡ୍‌ରେ ପରିଣତ ହୋଇ ରକ୍ତ ପ୍ରବାହକୁ ସୁଗମ କରିଥାଏ ଏବଂ ବିପି କମ୍ କରିବାରେ ସହାୟକ ହୁଏ।

ମେଥି : ମେଥି ପତ୍ରରେ ଫାଇବର, ପୋଟାସିୟମ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟସ ଭରପୂର ମାତ୍ରାରେ ଥାଏ, ଯାହା ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପ ସନ୍ତୁଳିତ ରଖେ।

ବ୍ରୋକୋଲି : ଏଥିରେ ଫାଇବର, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍-ସି ରହିଥାଏ, ଯାହା ରକ୍ତଚାପ ନିୟନ୍ତ୍ରଣରେ ସାହାଯ୍ୟ କରେ।

ଲାଉ: ଲାଉରେ ଜଳୀୟ ଅଂଶ ଅଧିକ ଏବଂ ସୋଡିୟମ୍ ପରିମାଣ ଖୁବ୍ କମ୍ ଥାଏ। ଏହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ବିପି ନିୟନ୍ତ୍ରଣ କରିବାରେ ଲାଭଦାୟକ ହୋଇଥାଏ ।

ଟମାଟୋ : ଲାଇକୋପିନ୍, ପୋଟାସିୟମ୍ ଏବଂ ଭିଟାମିନ୍-ସି ଯୁକ୍ତ ଟମାଟୋକୁ ସାଲାଡ୍, ତରକାରୀ କିମ୍ବା ସୁପ୍ ଆକାରରେ ଗ୍ରହଣ କରାଯାଇପାରିବ।

ଗାଜର : ଗାଜରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟସ ଏବଂ ପୋଟାସିୟମ୍ ରକ୍ତବାହୀ ନଳୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ବନ୍ଧାକୋବି : ଫାଇବର୍ ଏବଂ ଭିଟାମିନ୍-କେ ଯୁକ୍ତ ବନ୍ଧାକୋବି ନିୟମିତ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ହାଇ ବିପି ଆଶଙ୍କା ହ୍ରାସ ପାଏ।

ସଜନା ଛୁଇଁ ଓ ପତ୍ର : ଏଥିରେ ଥିବା ପୋଷକ ତତ୍ତ୍ୱ ରକ୍ତ ସଞ୍ଚାଳନକୁ ସୁଧାରି ବିପି ସନ୍ତୁଳିତ ରଖିବାରେ ସାହାଯ୍ୟ କରେ।

**ଅନେକ ସମୟରେ ରୁଟି ତିଆରି କରିବାର କିଛି ସମୟ ମଧ୍ୟରେ ଏହା ଟାଣ ହୋଇଯାଏ । ଏହି ସମସ୍ୟାକୁ ନେଇ ଗୃହିଣୀମାନେ ଅଧିକ ଅସୁବିଧାର ସାମ୍ନା କରନ୍ତି । ଅଫିସ୍ କିମ୍ବା ସ୍କୁଲ୍ ପାଇଁ ଲଞ୍ଚବକ୍ସରେ ରୁଟି ପ୍ୟାକ୍ କରିବା ପରେ ତାହା ଶୁଖି ଟାଣ ହୋଇଯିବା ଏକ ସାଧାରଣ ସମସ୍ୟା। ତେବେ କିଛି ସହଜ ଏବଂ ଘରୋଇ ଉପାୟ ଆପଣାଇ ଆପଣ ୬ ଘଣ୍ଟା ପର୍ଯ୍ୟନ୍ତ ରୁଟିକୁ ନରମ ରଖିପାରିବେ।**

**ଆସନ୍ତୁ ଜାଣିବା କେଉଁ ସବୁ ଟିପ୍ସ ଆପଣାଇଲେ ରୁଟି ସବୁବେଳେ ନରମ ରହିବ ।**




୧. ଅଟା ଚକଟିବାରେ ଧ୍ୟାନ ଦିଅନ୍ତୁ
ରୁଟିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନରମ ରଖିବାର ପ୍ରକ୍ରିୟା ଅଟା ଚକଟିବାରୁ ହିଁ ଆରମ୍ଭ ହୋଇଥାଏ। ଅଟା ଚକଟିବା ପାଇଁ ଉଷୁମ ପାଣି କିମ୍ବା ଅଳ୍ପ ଖୀର ବ୍ୟବହାର କରନ୍ତୁ। ଅଟାରେ ୧-୨ ଚାମଚ ଘିଅ କିମ୍ବା ତେଲ ମିଶାଇ ଭଲଭାବେ ଦଳିବା ପରେ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ରଖନ୍ତୁ। ଏହାଦ୍ୱାରା ରୁଟି ବହୁତ କୋମଳ ହୋଇଥାଏ।

୨. ତାୱାରୁ ଓହ୍ଲାଇ ସଙ୍ଗେ ସଙ୍ଗେ ପ୍ୟାକ୍ କରନ୍ତୁ ନାହିଁ
ତାୱାରୁ ରୁଟି ଓହ୍ଲାଇବା କ୍ଷଣି ତାହାକୁ ସିଧାସଳଖ ଡବାରେ ରଖିଲେ ସେଥିରୁ ନିର୍ଗତ ହେଉଥିବା ବାଷ୍ପ ଡବା ଭିତରେ ଜମି ପାଣି ହୋଇଯାଏ, ଯାହା ରୁଟିକୁ ଓଦା ଓ ରବର ଭଳି କରିଦିଏ। ରୁଟି ସେକିବା ପରେ ତାହାକୁ ୩୦ ରୁ ୬୦ ସେକେଣ୍ଡ ପାଇଁ କୌଣସି ଖୋଲା ପ୍ଲେଟ୍ କିମ୍ବା ସଫା କପଡ଼ା ଉପରେ ରଖି ଅତିରିକ୍ତ ବାଷ୍ପ ବାହାରିଯିବାକୁ ଦିଅନ୍ତୁ। ତେବେ ଅଧିକ ସମୟ ଖୋଲା ଛାଡ଼ନ୍ତୁ ନାହିଁ, ନଚେତ୍ ରୁଟି ଶୁଖିଯିବ।

୩. ରୁଟି ଭଲଭାବେ ଫୁଲିବା ଜରୁରୀ
ରୁଟି ଭଲଭାବେ ଫୁଲିଲେ ତା’ ଭିତରେ ବାଷ୍ପର ଏକ ସୂକ୍ଷ୍ମ ସ୍ତର ତିଆରି ହୁଏ, ଯାହା ଭିତରର ଆର୍ଦ୍ରତାକୁ ବଜାୟ ରଖେ। ଯଦି ରୁଟି ଠିକ୍ ଭାବେ ନଫୁଲେ କିମ୍ବା ଅଧିକ ସେକି ହୋଇଯାଏ, ତେବେ ତାହା ଶୀଘ୍ର ଶକ୍ତ ହୋଇଯାଏ।
ରୁଟିକୁ ଟିଫିନ୍‌ରେ ସିଧାସଳଖ ନରଖି ଏକ ସଫା, ଶୁଖିଲା ସୁତା କପଡ଼ାରେ ଗୁଡ଼ାଇ ରଖନ୍ତୁ। ସୁତା କପଡ଼ା ଅତିରିକ୍ତ ଆର୍ଦ୍ରତାକୁ ଶୋଷିନିଏ ଏବଂ ରୁଟିର ନରମପଣକୁ ବଜାୟ ରଖେ। ଟିଫିନର ତଳ ଭାଗରେ ଏକ ଶୁଖିଲା କପଡ଼ା କିମ୍ବା ଫୁଡ୍-ଗ୍ରେଡ୍ ପେପର୍ ରଖିବା ଦ୍ୱାରା ସବୁଠୁ ତଳେ ଥିବା ରୁଟି ଓଦା ହେବାରୁ ରକ୍ଷା ପାଇଥାଏ।
ତରକାରୀ ସହ ଏକାଠି ରଖନ୍ତୁ ନାହିଁ
ରୁଟି ଏବଂ ତରକାରୀକୁ ଗୋଟିଏ ଡବାରେ ରଖିବା ଦ୍ୱାରା ତରକାରୀର ବାଷ୍ପ ରୁଟିକୁ ଓଦା କରିଦିଏ। ତେଣୁ ରୁଟି ଏବଂ ତରକାରୀ ପାଇଁ ଅଲଗା ଅଲଗା କଣ୍ଟେନର୍ ବ୍ୟବହାର କରନ୍ତୁ।

# ନିକୋଟିନ୍ ଧୂମପାନର ବିକଳ୍ପ ନା ନୂତନ ନିଶା ! : ସ୍ୱାସ୍ଥ୍ୟ ବିପଦ ନେଇ ଚିନ୍ତା

ଆଜିକାଲି ଯୁବପିଢ଼ି ମଧ୍ୟରେ ନିକୋଟିନ୍ ପାଉଚ୍ ବ୍ୟବହାର ଦ୍ରୁତ ହାରରେ ବଢୁଛି। ଧୂମହୀନ ଓ ଗନ୍ଧମୁକ୍ତ ହେବାରୁ ଏହାକୁ ସିଗାରେଟ୍‌ର ଏକ ‘ନିରାପଦ ବିକଳ୍ପ’ ଭାବରେ ଦେଖାଯାଉଥିବା ବେଳେ, ବିଶେଷଜ୍ଞମାନେ ଏହାର ନିଶାଜନକ ପ୍ରଭାବ ଓ ସ୍ୱାସ୍ଥ୍ୟ ବିପଦ ନେଇ ଚିନ୍ତା ପ୍ରକଟ କରିଛନ୍ତି। ନିକୋଟିନ୍ ପାଉଚ୍ ହେଉଛି ଏକ ଛୋଟ ଧଳା ସାଚେଟ୍, ଯାହାକୁ ଓଠ ଓ ମାଢ଼ି ମଧ୍ୟରେ ରଖାଯାଏ। ଏଥିରେ ନିକୋଟିନ୍, ସ୍ୱାଦ ଏଜେଣ୍ଟ, ମିଠା ଓ ଉଦ୍ଭିଦ ଭିତ୍ତିକ ଫାଇବର ଥାଏ। ଧୂଆଁ ବିହୀନ ଥିବାରୁ ଏହା ବ୍ୟବହାର ସହଜ ଓ ଲୁଚାଇ ରଖିବା ସମ୍ଭବ, ଯାହା ଯୁବମାନଙ୍କୁ ଆକର୍ଷିତ କରୁଛି। ଏହି ପାଉଚ୍ ପାଟିର ଭିତର ଚର୍ମ ମାଧ୍ୟମରେ ନିକୋଟିନ୍‌କୁ ସିଧାସଳଖ ରକ୍ତରେ ପହଞ୍ଚାଏ। ପରେ ଏହା ମସ୍ତିଷ୍କରେ ପହଞ୍ଚି ଡୋପାମାଇନ୍ ହରମୋନ୍ ବୃଦ୍ଧି କରେ, ଯାହା ଅଳ୍ପ ସମୟ ପାଇଁ ସୁଖ ଓ ଆରାମର ଅନୁଭବ ଦେଇଥାଏ। କିନ୍ତୁ ଏହି ପ୍ରଭାବ କ୍ଷୟ ହେଲେ ପୁନଃ ବ୍ୟବହାରର ଇଚ୍ଛା ବଢିଯାଏ, ଯାହା ନିକୋଟିନ୍ ନିର୍ଭରଶୀଳତାକୁ ବୃଦ୍ଧି କରିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିକୋଟିନ୍ ପାଉଚ୍‌ର ବଢୁଥିବା ବିକ୍ରୟ ଓ ଯୁବମାନଙ୍କ ମଧ୍ୟରେ ଏହାର ବୃଦ୍ଧିଶୀଳ ବ୍ୟବହାର ଉପରେ ଚିନ୍ତା ବ୍ୟକ୍ତ କରିଛି। ‘ତମାଖୁ ମୁକ୍ତ’ ଓ ‘କ୍ଲିନ୍’ ଭଳି ବିଜ୍ଞାପନ ଯୁବମାନଙ୍କୁ ଭ୍ରମିତ କରୁଥିବା ବୋଲି WHO କହିଛି।
ବିଶେଷଜ୍ଞଙ୍କ କହିବା ଅନୁସାରେ, “ନିକୋଟିନ୍ ପାଉଚ୍‌ରେ ଥିବା ନିକୋଟିନ୍ ଉଚ୍ଚ ନିଶାଜନକ। ଏହା ହୃଦରୋଗ, ଉଚ୍ଚ ରକ୍ତଚାପ ଓ ମାନସିକ ସମସ୍ୟାକୁ ବଢାଇପାରେ।”



ନିକୋଟିନ୍ ପାଉଚ୍ ବ୍ୟବହାର ଫଳରେ ଅଳ୍ପ ଓ ଦୀର୍ଘ ଅବଧିରେ ବିଭିନ୍ନ ସମସ୍ୟା ଦେଖାଯାଇପାରେ। ଏହା ହୃଦ୍‌ଗତି ବଢାଇଥାଏ, ରକ୍ତଚାପ ବଢାଇପାରେ ଏବଂ ନିଶାର ଆଶଙ୍କା ତିବ୍ର କରେ। ହଠାତ୍ ଗିଳିଲେ ନିକୋଟିନ୍ ବିଷକ୍ରିୟା ମଧ୍ୟ ହୋଇପାରେ। ଅନେକ ଯୁବକ ଧୂମପାନ ଛାଡିବା ପାଇଁ ଏହାକୁ ବ୍ୟବହାର କରୁଥିଲେ ମଧ୍ୟ, ବିଶେଷଜ୍ଞମାନେ ଡାକ୍ତରୀ ପରାମର୍ଶ ବିନା ଏହାର ବ୍ୟବହାରକ ନକରିବା ପାଇଁ ପରାମର୍ଶ ଦେଉଛନ୍ତି। ଏହା ଗୋଟିଏ ନିଶାର ସ୍ଥାନରେ ଅନ୍ୟ ଏକ ନିଶାକୁ ବୃଦ୍ଧି କରେ। ନିକୋଟିନ୍ ପାଉଚ୍‌କୁ ଧୂମପାନର ସୁରକ୍ଷିତ ବିକଳ୍ପ ଭାବରେ ଦେଖିବା ଭୁଲ୍ ଧାରଣା ଅଟେ। ଯୁବମାନେ ଏହାର ଆକର୍ଷଣରେ ପଡ଼ିବା ପୂର୍ବରୁ ଏହାର ନିଶାଜନକ ପ୍ରଭାବ ଓ ସ୍ୱାସ୍ଥ୍ୟ ବିପଦ ବିଷୟରେ ସଚେତନ ହେବା ଆବଶ୍ୟକ।




ଆପଣ ଲକ୍ଷ୍ୟ କରିଥିବେ ଯେ ଅନେକ ଦିନ ପରେ ଘରର ଧଳା ଟାଇଲସ ହଳଦିଆ ପଡ଼ିଯାଏ । ଆପଣ ଯେମିତି ଟାଇଲ କିଣିଥିଲେ ସେମିତି ନ ଦେଖାଯାଇ ମଳିନ ଦେଖାଯାଏ । ତେବେ ଆଜି ଆମେ ଆପଣଙ୍କୁ ଏମିତି କିଛି ଉପାୟ କହିବୁ ଯାହାଦ୍ୱାରା ଧଳା ଟାଇଲ୍‌ସରେ ଜମିଥିବା ହଳଦିଆ ଦାଗ ଓ ମଇଳା ସହଜରେ ଛାଡ଼ିଯିବ ।
ଧଳା ଟାଇଲ୍‌ସରୁ ହଳଦିଆ ଦାଗ ଓ ମଇଳା ସଫା କରିବାର ୬ଟି ଘରୋଇ ଉପାୟ

୧. ବେକିଂ ସୋଡା ଏବଂ ଭିନେଗାର୍
ଟାଇଲ୍‌ସ ଉପରେ ପ୍ରଥମେ ବେକିଂ ସୋଡା ବିଞ୍ଚି ଦିଅନ୍ତୁ ଏବଂ ତା’ ଉପରେ କିଛି ଭିନେଗାର ପକାନ୍ତୁ। କିଛି ମିନିଟ୍ ଏହାକୁ ଏମିତି ଛାଡ଼ିଦିଅନ୍ତୁ, ଯାହାଦ୍ୱାରା ଜମିଥିବା ମଇଳା ନରମ ହୋଇଯିବ। ଏହାପରେ ଏକ ନରମ ବ୍ରଶ୍ କିମ୍ବା ସ୍ପଞ୍ଜ ସାହାଯ୍ୟରେ ହାଲୁକା ଭାବେ ଘଷି ସଫା ପାଣିରେ ଧୋଇ ଦିଅନ୍ତୁ। ଏହା ଦାଗ ଛଡ଼ାଇବା ସହ ଦୁର୍ଗନ୍ଧ ମଧ୍ୟ ଦୂର କରେ।

୨. ଲେମ୍ବୁ ରସ ଏବଂ ଲୁଣ
ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ହଳଦିଆ ଦାଗ ଛଡ଼ାଇବାରେ ବହୁତ ସାହାଯ୍ୟ କରେ। ଲେମ୍ବୁ ରସ ବାହାର କରି ଦାଗ ଥିବା ସ୍ଥାନରେ ୧୦ ରୁ ୧୫ ମିନିଟ୍ ପକାଇଦିଅନ୍ତୁ । ପୁରୁଣା ଦାଗ ପାଇଁ ଲେମ୍ବୁ ରସ ସହ ଅଳ୍ପ ଲୁଣ ମିଶାଇ ବ୍ୟବହାର କରିପାରିବେ। ଏହା ବାଥ୍‌ରୁମ୍ ଓ ୱାସ୍‌ବେସିନ୍ ପାଖ ଟାଇଲ୍‌ସ ପାଇଁ ବିଶେଷ ଉପଯୋଗୀ।

୩. ହାଇଡ୍ରୋଜେନ୍ ପେରୋକ୍ସାଇଡ୍
ସାଧାରଣ ସଫେଇରେ ଯଦି ଦାଗ ନ ଛାଡ଼େ, ତେବେ ହାଇଡ୍ରୋଜେନ୍ ପେରୋକ୍ସାଇଡ୍ ବ୍ୟବହାର କରନ୍ତୁ। ଏହାକୁ ସିଧାସଳଖ ଦାଗ ଉପରେ ଢାଳି କିଛି ସମୟ ଛାଡ଼ିବା ପରେ ବ୍ରଶ୍ ସାହାଯ୍ୟରେ ସଫା କରନ୍ତୁ। ଏହାକୁ ବ୍ୟବହାର କରିବା ସମୟରେ ହାତରେ ଗ୍ଲୋଭ୍ସ ପିନ୍ଧିବା ଉଚିତ୍।

୪. ଟାଇଲ୍‌ସ ମଝିର ଯୋଡ଼ ସଫା କରିବା
ଟାଇଲ୍‌ସ ମଝିରେ ଥିବା ସନ୍ଧି କିମ୍ବା ଯୋଡ଼ରେ ଅଧିକ ମଇଳା ଜମିଥାଏ। ଏଥିପାଇଁ ବେକିଂ ସୋଡା ଓ ପାଣିର ଏକ ବହଳିଆ ପେଷ୍ଟ ତିଆରି କରି ଯୋଡ଼ଗୁଡ଼ିକରେ ଲଗାନ୍ତୁ। କିଛି ସମୟ ପରେ ପୁରୁଣା ଟୁଥ୍‌ବ୍ରଶ୍‌ରେ ହାଲୁକା ଭାବେ ଘଷି ପାଣିରେ ଧୋଇ ଦିଅନ୍ତୁ।

୫. ନିୟମିତ ରକ୍ଷଣାବେକ୍ଷଣ
ସପ୍ତାହକୁ ଅନ୍ତତଃ ୧ ରୁ ୨ ଥର ମାଇକ୍ରୋଫାଇବର କପଡ଼ାରେ ଟାଇଲ୍‌ସ ପୋଛିବା ଉଚିତ୍। ବାଥ୍‌ରୁମ୍‌ରେ ଗାଧୋଇବା ପରେ କାନ୍ଥ ଓ ଚଟାଣରେ ଜମିଥିବା ପାଣିକୁ ସଫା କରିଦିଅନ୍ତୁ, ଯାହାଦ୍ୱାରା ସାବୁନ୍ ଓ ପାଣିର ଦାଗ ଜମିବ ନାହିଁ।

୬. କିଛି ଆବଶ୍ୟକୀୟ ସାବଧାନତା
ଟାଇଲ୍‌ସ ସଫା କରିବା ପାଇଁ ଅତ୍ୟଧିକ କଠିନ କେମିକାଲ୍ କିମ୍ବା ଏସିଡ ବ୍ୟବହାର କରନ୍ତୁ ନାହିଁ, ଏହାଦ୍ୱାରା ଟାଇଲ୍‌ସର ଚମକ ନଷ୍ଟ ହୋଇଯାଏ।

# ବର୍ଷା ଦିନେ ପିଅନ୍ତୁ ଏହି ସୁପ୍ : ହେବ ୧୫ ମିନିଟ୍‌ରେ ପ୍ରସ୍ତୁତ



ବର୍ଷା ଓ ଥଣ୍ଡା ଦିନରେ ଚା’ ସହିତ ପକୋଡ଼ା ଖାଇବା ଏକ ଚିରାଚରିତ ପ୍ରଥା ଭାବେ ରହିଆସିଛି। ବର୍ତ୍ତମାନ ଲୋକମାନେ ସୁସ୍ଥ ଏବଂ ନୂତନ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି। ଏହି ପରିପ୍ରେକ୍ଷିରେ ଏକ ନୂତନ ‘ୱାନ୍-ପଟ୍ ପାସ୍ତା ସୁପ୍’ ନାମକ ଏକ ସହଜ, ସ୍ୱାଦିଷ୍ଟ ଓ ପୁଷ୍ଟିକର ରେସିପି ପ୍ରସ୍ତୁତି ପ୍ରଣାଳୀ ସାମ୍ନାକୁ ଆସିଛି। ଯାହା କେବଳ ୧୫ ମିନିଟ୍‌ରେ କରାଯାଇପାରିବ। ସୁପରେ ଏକ ଦୃଢ ସ୍ୱାଦ ଏବଂ ସୁଗନ୍ଧ ଆଣିବା ପାଇଁ ପ୍ରଥମେ ଟେମ୍ପରିଂ ପ୍ରସ୍ତୁତ କରାଯାଏ। ଏକ ବଡ଼ ପାତ୍ରରେ ଅଳ୍ପ ତେଲ ଗରମ କରନ୍ତୁ। ସୂକ୍ଷ୍ମ କଟା ରସୁଣ, ଲଙ୍କା ଫ୍ଲେକ୍ସ ଏବଂ ଓରେଗାନୋ ମିଶାନ୍ତୁ। ଭଲ ବାସ୍ନା ନହେବା ପର୍ଯ୍ୟନ୍ତ ରସୁଣକୁ ହାଲୁକା ଭାଜନ୍ତୁ। ମନେରଖନ୍ତୁ ଯେ ରସୁଣ ଜଳିବା ଉଚିତ୍ ନୁହେଁ। ଭଜା ରସୁଣରେ ସତେଜ ଗ୍ରାଉଣ୍ଡ ଟମାଟୋ ପ୍ୟୁରି ଭଲ ଭାବରେ ମିଶାନ୍ତୁ। ଏହାପରେ ପାସ୍ତା ମସଲା, ସାମାନ୍ୟ ନାଲି ଲଙ୍କା ଗୁଣ୍ଡ ଓ ଲୁଣ ସ୍ୱାଦ ଅନୁସାରେ ମିଶାନ୍ତୁ। ଟମାଟୋ ଏବଂ ମସଲାକୁ କିଛି ମିନିଟ୍ ରାନ୍ଧିବାକୁ ଦିଅନ୍ତୁ। ସୁପ୍ ଓ ପୃଷ୍ଟିକର ଏବଂ କ୍ରଞ୍ଚି କରିବା ପାଇଁ ପନିପରିବା ମିଶାନ୍ତୁ। ସେହି ମିଶ୍ରଣରେ ସୂକ୍ଷ୍ମ କଟା ଗାଜର ଏବଂ ସିଝା ମିଠା ମକା ମିଶାନ୍ତୁ। ବର୍ତ୍ତମାନ ଏଥିରେ ଆବଶ୍ୟକ ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ପାଣି ମିଶାନ୍ତୁ ଏବଂ ସୁପ୍ କୁ ଫୁଟିବାକୁ ଛାଡିଦିଅନ୍ତୁ ଯାହା ଦ୍ୱାରା ପନିପରିବା ସ୍ୱାଦ ସୁପ୍ ରେ ଭଲ ଭାବରେ ମିଶିଯିବ। ଯେତେବେଳେ ପାଣି ଭଲଭାବେ ଫୁଟିବାକୁ ଆସେ, ଆପଣଙ୍କ ପସନ୍ଦର କଞ୍ଚା ପାସ୍ତା ଯେପରିକି ମାକାରୋନି, ପେନ୍ କିମ୍ବା ଏଲବୋ ପାସ୍ତା ମିଶାନ୍ତୁ । ପାସ୍ତାକୁ ସୁପ୍ ସହିତ ସମାନ ସମୟରେ ରାନ୍ଧିବାକୁ ଦିଅନ୍ତୁ। ପାସ୍ତାକୁ ପୃଥକ ଭାବରେ ଫୁଟାଇବାର ଆବଶ୍ୟକତା ନାହିଁ, କାରଣ ପାସ୍ତା ସୁପ୍ ପାଣିରେ ରାନ୍ଧିବା ଦ୍ୱାରା ସମସ୍ତ ସ୍ୱାଦକୁ ସହଜରେ ଗ୍ରହଣ କରିଥାଏ। ଯେତେବେଳେ ପାସ୍ତା ଅଧା ରନ୍ଧା ହୋଇଯାଏ, କଟା ଲଙ୍କା, ତାଜା ତୁଳସୀ ପତ୍ର ଏବଂ ଛୋଟ ଖଣ୍ଡରେ କଟା ପନିର ମିଶାନ୍ତୁ। ପାତ୍ରକୁ ଘୋଡାଇ ଦିଅନ୍ତୁ ଏବଂ ପାସ୍ତା ସମ୍ପୂର୍ଣ୍ଣ ନରମ ନହେବା ପର୍ଯ୍ୟନ୍ତ କମ୍ ଆଞ୍ଚରେ ରାନ୍ଧନ୍ତୁ। ଯଦି ଆପଣ ସୁପ୍ ଟିକିଏ ମୋଟା ପସନ୍ଦ କରନ୍ତି, ତେବେ ଆପଣ ଏଥିରେ ଟିକେ ମକା ଅଟା ମିଶାଇ ପାରିବେ। ତିଆରି ହେବା ପରେ ଏହି ସୁପ୍?କୁ ଧନିଆ ପତ୍ର, ଚିଲି ଫ୍ଲେକ୍ସ କିମ୍ବା ଗ୍ରେଟେଡ୍ ପନିର ସହିତ ଗରମ ଗରମ ଖାଆନ୍ତୁ। ଏହି ପାସ୍ତା ସୁପ୍ ଅଳ୍ପ ସମୟରେ ତିଆରି ହେବା ସହିତ ପିଲା ଓ ବୟସ୍କ ସମସ୍ତଙ୍କ ପାଇଁ ମଧ୍ୟ ଉପଯୁକ୍ତ ଅଟେ।





# ସ୍ନେହ ଦେଲେ ସମ୍ମାନ ମିଳେ

## ରମେଶ ଚନ୍ଦ୍ର ଦାଶ



ଠେକୁଆଟିଏ ଘାସ ଚରୁଥାଏ। ସେଠାକୁ ହରିଣଟିଏ ଆସିଲା। ସେ କହିଲା, "ତୁ ଏଠାରୁ ଚାଲିଯା। କାରଣ ଏ ଘାସ ମୋତେ ଅଣ୍ଟିବ ନାହିଁ।" ଠେକୁଆଟି କହିଲା, "ତୁମକୁ ଅଣ୍ଟିବ ନାହିଁ ତ ତୁମେ ଅଲଗା ଜାଗାକୁ ଯାଅ। ମୋତେ ଯିବାକୁ କାହିଁକି କହୁଛ? ମୁଁ ତ ଆଗ ଆସିଛି।" ଏହା ଶୁଣି ହରିଣ ଟିକେ ରାଗିଯାଇ କହିଲା, "ବଡ଼ମାନଙ୍କ କଥା ସାନମାନେ ମାନନ୍ତି ବୋଲି କ'ଣ ତୁ ଶିଖିନୁ?" ହରିଣର ରାଗ ଦେଖି ଠେକୁଆ ଆଶ୍ଚର୍ଯ୍ୟ ହୋଇଯାଇ କହିଲା, "ଯେଉଁମାନେ ସ୍ନେହ ଦିଅନ୍ତି ସେମାନେ ସମ୍ମାନ ପାଇବାର ଯୋଗ୍ୟ। ଯେଉଁମାନେ ସ୍ନେହ ଦେଇ ଶିଖିନାହାନ୍ତି, ସେମାନଙ୍କୁ ସମ୍ମାନ ଦେବା ମୁଁ ଜାଣିନାହିଁ।"

ଠେକୁଆର କଥା ଶୁଣି ହରିଣ ଆଉ ଟିକେ ରାଗିଯାଇ କହିଲା, "ମୁଁ ଚାହିଁଲେ ତୋତେ ଟେକି କଚାଡ଼ିଦେବି।" ଠେକୁଆ କହିଲା, "ଏହା ତ ଅତି ସାଧାରଣ କଥା। ସବୁ ବଳୁଆମାନଙ୍କର ଏ ସ୍ୱଭାବ ଥାଏ, ତୁମର ଅଛି। ଏଥିରେ ଆଉ ନୂଆ କଥା କ'ଣ? ତୁମେ ଯାହା ଚାହିଁବ ତାହା କରିପାରିବ।" ହରିଣ କହିଲା, "ଜାଣିଛୁଟି। ତେବେ ଏ ଘାସପଡ଼ିଆ ଛାଡ଼ି ଯାଉନୁ କାହିଁକି?" ଠେକୁଆ କହିଲା, "ମୁଁ ତୁମକୁ ଅପେକ୍ଷା କରିଛି। ତୁମେ ତ ଯାହା ଚାହିଁବ ତାହା କରିପାରିବ। ତେଣୁ ତୁମେ ଚାହିଁଲେ ଆଉ ଗୋଟିଏ ଘାସପଡ଼ିଆ ତିଆରି କରିପାରିବ ଓ ସେଥିରେ ଚରିବ।" ଠେକୁଆର ଏ କଥାରେ ହରିଣ ରାଗିଗଲା ସିନା ତା' ପାଖରେ ଆଉ କିଛି ଉତ୍ତର ନଥିଲା।

ସେ ଧୀରେ ଧୀରେ ସେଠାରୁ ଚାଲିଯାଉଥିବା ବେଳେ ଠେକୁଆ ଡାକି କହିଲା, "ଏଣିକି ତୁମେ ଆଉ କେବେ ମୋ ସହିତ ଲାଗିବ ନାହିଁ। ମୋର ପେଟ ପୂରିଗଲାଣି, ମୁଁ ଯାଉଛି। ତୁମେ ଏଠି ଚରିପାର।" ଏହା କହି ଠେକୁଆ ଡେଇଁ ଡେଇଁ ଚାଲିଗଲା। ତାପରେ ହରିଣ ଚରିବାକୁ ଲାଗିଲା। ସେ ଆଉ କେବେ ଠେକୁଆ ଆଗରେ ନିଜର ବଡ଼ପଣିଆ ଦେଖାଇଲା ନାହିଁ।

+ ଶିକ୍ଷାଶ୍ରୀ ଲେନ୍, ଅଠରନଳା,
କୁମ୍ଭାରପଡ଼ା, ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

## ବିଜ୍ଞାନ ଗବାକ୍ଷ-୧୭

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଜିଏସଏଲ୍‌ଭି-ଏଫ-୧୭ ଓ ଇଓଏସ୍-୦୫



ଆଜିକାଲି ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋକୁ ନେଇ ବିଭିନ୍ନ ଗଣମାଧ୍ୟମ ବେଶ୍ ଚଳଚଞ୍ଚଳ। କେବେ ଇସ୍ରୋ ଛାଡୁଥିବା ବୈଜ୍ଞାନିକମାନଙ୍କ କଥା କୁହାଯାଉଛି ତ କେବେ ଇସ୍ରୋର ଘରୋଇକରଣ କଥା ଆଲୋଚିତ ହେଉଛି। ଏଇଠି ଆମକୁ ମନେ ରଖିବାକୁ ହେବ ଯେ ଇସ୍ରୋ ଏକ ଶିକ୍ଷାନୁଷ୍ଠାନ ନୁହେଁ ବା ଶିଳ୍ପଦ୍ୟୋଗ ନୁହେଁ, ଏହା ଏକ ଗୌରବ ବିମଣ୍ଡିତ ମହାକାଶ ଗବେଷଣା ସଂସ୍ଥା ଯେଉଁଠି କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କ କାମକୁ ଦେଶସେବା ବୋଲି ଗ୍ରହଣ କରନ୍ତି। ଏହା ହିଁ ଇସ୍ରୋର ସଫଳତାର ଚାବିକାଠି।

ଯା ଭିତରେ ଇସ୍ରୋ ମହାକାଶରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛି। ପ୍ରଥମଥର ପାଇଁ ଭାରତ ମହାକାଶକୁ ଏକ ଭୂସ୍ଥିର ଚିତ୍ର ହୋଇଥିବା ଉପଗ୍ରହ ପଠାଇଛି ଯାହା ବିଭିନ୍ନ ଦୃଷ୍ଟିରୁ ଅନନ୍ୟ।

ସେପ୍ଟେମ୍ବର ମାସ ୪ ତାରିଖ ୨୦୨୬। ବ୍ରାହ୍ମ ମୁହୂର୍ତ୍ତ ପାଖାପାଖି। ୨ଟା ୫୫ ମିନିଟ୍। ସାରା ଦେଶ ଗଭୀର ନିଦ୍ରାରେ ଥିଲାବେଳେ ଭାରତ ମହାକାଶ ବନ୍ଦର ଶ୍ରୀହରିକୋଟା ବେଶ୍ ଚଳଚଂଚଳ ଥିଲା। ଅନେକ ଦିନ ଆଗରୁ ଶହଶହ ବୈଜ୍ଞାନିକ, ଇଂଜିନିୟର ଓ ଅନେକ କୁଶଳୀକର୍ମୀ ଦିନ ରାତି ଜିଏସ୍ଏଲ୍‌ଭି-ଏଫ୍ ୧୭ ଓ ଉପଗ୍ରହ-୦୫କୁ ପ୍ରସ୍ତୁତ କରୁଥିଲେ ମହାକାଶ ଯାତ୍ରା ଲାଗି। ୨୪ ଘଣ୍ଟା ଆଗରୁ ଉପଗ୍ରହ ଉତ୍‌କ୍ଷେପଣ ଲାଗି କାଉଂଟଡାଉନ ଆରମ୍ଭ ହୋଇଯାଇଥିଲା।

ଆକାଶ ମେଘାଚ୍ଛନ୍ନ ଥିଲା। ରକେଟ୍ ଉତ୍‌କ୍ଷେପଣ ଲାଗି କୌଣସି ପ୍ରତିବନ୍ଧକ ବା ହୋଲ୍ଡ ନଥିଲା। ବଙ୍ଗୋପସାଗର ତଟରେ ଥିବା ଶ୍ରୀହରିକୋଟା ହଠାତ୍ ଆଲୋକିତ ହୋଇ ଉଠିଥିଲା। ସଶବ୍ଦେ ରକେଟ ଜି.ଏସ୍.ଏଲ୍.ଭି -ଏଫ୍-୧୭ ଉପଗ୍ରହ ଇଓଏସ୍ -୦୫କୁ ବହନ କରି ତାର ଯାତ୍ରାର ଆରମ୍ଭ କରିଥିଲା। ଭାରତ ପୁଣିଥରେ ପାଠ୍ୟପୁସ୍ତକ ଢ଼ାଂଚାରେ ଆଉ ଏକ ରକେଟର ସଫଳ ଯାତ୍ରା ଦେଖିଥିଲା।

ଏବେ ଉପଗ୍ରହ ତାର ନିର୍ଦ୍ଦିଷ୍ଟ କକ୍ଷରେ ପହଂଚି ସାରିଛି। କିଛି ଦିନର ପରୀକ୍ଷଣ ପରେ ଏହା ତାର କାର୍ଯ୍ୟ ଆରମ୍ଭ କରିବ।

ଅତୀତରେ ଦୁଇ ଦୁଇଟି ପି.ଏସ.ଏଲ.ଭି ରକେଟଙ୍କ ବିଫଳତା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ଜି.ଏସ.ଏଲ.ଭିର ସଫଳ ଉତ୍‌କ୍ଷେପଣ ପୁଣିଥରେ ଇସ୍ରୋକୁ ତାର ଆତ୍ମବିଶ୍ୱାସ ଫେରାଇ ଦେଇଛି ଓ ଇସ୍ରୋର ଆଗାମୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛି।

ଇଓଏସ୍ - ୦୫ ଉପଗ୍ରହ ଏପରି ଏକ ଉପଗ୍ରହ ଯାହାର ବେଶ୍ ପୃଥିବୀର ଘୂର୍ଣ୍ଣନ ସହିତ ତାଳ ମିଳାଇବ ଯାହାଫଳରେ ଏହା ମହାକାଶରୁ ଭାରତ ଓ ତାର ଆଖାପାଖ ଦେଶମାନଙ୍କୁ ନିରନ୍ତର ପର୍ଯ୍ୟବେକ୍ଷଣ କରିପାରିବ। ଏହି ପ୍ରକାର ଉପଗ୍ରହକୁ ଭୂ-ସମକାଳିକ ଉପଗ୍ରହ କୁହାଯାଏ। ଏହି ଉପଗ୍ରହର କକ୍ଷ ସାଧାରଣତଃ ପୃଥିବୀର ବିଷୁବରେଖା ଉପରେ ବା ତା' ଉପରେ ରହିଥାଏ।

ପୃଥିବୀର ପର୍ଯ୍ୟବେକ୍ଷଣ ଲାଗି ଇସ୍ରୋ ଏ ପର୍ଯ୍ୟନ୍ତ ଦୂର ସମ୍ବେଦନଶୀଳ ଉପଗ୍ରହମାନଙ୍କର ବ୍ୟବହାର କରିଛି ଯେଉଁମାନେ ସୂର୍ଯ୍ୟସମକାଳିକ। ସେମାନେ ପୃଥିବୀକୁ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ପର୍ଯ୍ୟବେକ୍ଷଣ କରନ୍ତି ଯେତେବେଳେ ସେହି ଅଂଚଳଟି ସୂର୍ଯ୍ୟଙ୍କ କିରଣରେ ଭଲଭାବରେ ଆଲୋକିତ ହୋଇଥାଏ (ସାଧାରଣତଃ ଦିନ ୧୦.୩୦ରେ)। ଇଓଏସ-୦୫ ଏବେ ଭାରତ ଓ ଆଖପାଖ ଅଂଚଳକୁ ନିରନ୍ତର ପର୍ଯ୍ୟବେକ୍ଷଣରେ ରଖିପାରିବ ଏବଂ ଆବଶ୍ୟକ ତଥ୍ୟ ପ୍ରଦାନ କରିପାରିବ।

ଥରେ କାର୍ଯ୍ୟକ୍ଷମ ହେଲାପରେ ଇଓଏସ୍-୦୫ (ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ- ୦୫ ବା ଆର୍ଥ ଅବଜରଭେସନ ସେଟଲାଇଟ୍ -୦୫) ଭାରତକୁ ନିରନ୍ତର ପର୍ଯ୍ୟବେକ୍ଷଣ କରିବ ଏବଂ ପ୍ରାକୃତିକ ବିପଦ ଯେପରି ବାତ୍ୟା, ବନ୍ୟା, ବାଦଲ ଫଟା, ଜଙ୍ଗଲ ସୁରକ୍ଷା ସଂପର୍କରେ ତଥ୍ୟ ଦେଇ ଏହି ଉପଗ୍ରହ ଆମକୁ ସର୍ବଦା ସଜାଗ ରଖିବ।

ଭାରତୀୟ ମହାକାଶ ଗବେଷଣା ସଂଗଠନ, ଇସ୍ରୋ ଆଗରେ ଆଗକୁ ଅନେକ ଆହ୍ୱାନପୂର୍ଣ୍ଣ ମିଶନ୍ ରହିଛି। ଏହି ସଫଳ ଉତ୍‌କ୍ଷେପଣ ଆମ ବୈଜ୍ଞାନିକମାନଙ୍କୁ ଅଧିକ ଉତ୍ସାହ ଦେବ ନିଶ୍ଚୟ।

(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

# ରାଜୁ ହାତରେ ରାକ୍ଷୀ



## ସୁବ୍ରତ କୁମାର ଦାସ



ଶାନ୍ତିପୁର ନାମରେ ଗୋଟିଏ ଗାଁ ଥିଲା। ସେହି ଗାଁରେ ରହୁଥିଲେ ଦୁଇ ଭାଇ-ଭଉଣୀ ରାଜୁ ଓ ରୀନା। ରାଜୁ ଥିଲା ରିନା ଠାରୁ ଦୁଇ ବର୍ଷ ବଡ଼। ଦୁହେଁ ଖୁବ୍ ପରସ୍ପରକୁ ଭଲ ପାଉଥିଲେ । ବେଳେବେଳେ ଦୁହେଁ ଝଗଡ଼ା କରୁଥିଲେ, ପୁଣି କିଛି ସମୟ ପରେ ହସିହସି ଏକାଠି ଖେଳୁଥିଲେ। ଦିନେ ରୀନା ବଜାରରୁ ରଙ୍ଗ ବେରଙ୍ଗର ରାକ୍ଷୀ କିଣି ଆଣିଥିଲା। ରାକ୍ଷୀଟିକୁ ଦେଖାଇ ସେ ରାଜୁକୁ କହିଲା, ଭାଇ, ଏଥର ତୋ ହାତରେ ଏହି ରାକ୍ଷୀ ବାନ୍ଧିବି। ତୁ ମୋତେ ସବୁବେଳେ ସୁରକ୍ଷା କରିବୁ ତ? ରାଜୁ ହସି କହିଲା,"ହଁ, ନିଶ୍ଚୟ! କିନ୍ତୁ ତୁ ମଧ୍ୟ ମୋର ଗୋଟିଏ କଥା ରଖିବାକୁ ପଡ଼ିବ। ରୀନା ଆଶ୍ଚର୍ଯ୍ୟ ହୋଇ ପଚାରିଲା, କ'ଣ ? ରାଜୁ କହିଲା ,ମୁଁ ଯେତେବେଳେ ଦୁଃଖୀ ହେବି, ତୁ ମୋତେ ହସାଇବୁ। ମୁଁ ଭୁଲ କଲେ ମୋ ସହ ଝଗଡା ନ କରି ଗେହ୍ଲା କରି ବୁଝାଇବୁ। ରୀନା ଖୁସିରେ ମୁଣ୍ଡ ହଲାଇଲା, ଠିକ୍ ଅଛି। କିଛି ଦିନ ପରେ ରକ୍ଷାବନ୍ଧନ ଆସିଲା। ସକାଳୁ ଘରେ ପର୍ବ ପାଇଁ ପ୍ରସ୍ତୁତି ଚାଲିଥାଏ । ରୀନା ନୂଆ ପୋଷାକ ପିନ୍ଧି ଥାଳିରେ ଚନ୍ଦନ, ଫୁଲ, ମିଠା ଓ ରାକ୍ଷୀ ସଜାଇଲା। ସେ ରାଜୁର ମଥା ରେ ଚନ୍ଦନ ଲଗାଇ ରାକ୍ଷୀ ବାନ୍ଧିଲା। ରାଜୁ ଭଉଣୀକୁ ମିଠା ଖୁଆଇ କହିଲା, ଏହି ରାକ୍ଷୀ କେବଳ ସୂତା ନୁହେଁ। ଏହା ଆମ ଭଲପାଇବା ଓ ପରସ୍ପର ପ୍ରତି ଦାୟିତ୍ୱର ପ୍ରତୀକ। ସେହି ସମୟରେ ବାହାରୁ ଜୋରରେ କାହାର ଡାକ ଶୁଣାଗଲା— "ବଞ୍ଚାଅ! ବଞ୍ଚାଅ!"ରାଜୁ ଓ ରୀନା ଦୌଡ଼ି ବାହାରକୁ ଗଲେ। ଦେଖିଲେ, ପାଖ ପୋଖରୀରେ ଗାଁର ଛୋଟ ପିଲା ମୁନା ପାଣିରେ ପଡ଼ିଯାଇଛି। ରାଜୁ ତୁରନ୍ତ ପୋଖରୀ ପାଖକୁ ଦୌଡ଼ିଗଲା। କିନ୍ତୁ ରୀନା ତାକୁ ଅଟକାଇ କହିଲା,

"ଭାଇ, ପାଣି ଗଭୀର ଅଛି ! ଏକାକୀ ତୁ ଭିତରକୁ ଯାଅନାହିଁ। ରାଜୁ ଚାରିଆଡ଼େ ଅନାଇଲା। ସଂଗେସଂଗେ ପାଖରେ ଥିବା ଏକ ଲମ୍ବା ବାଉଁଶ ଆଣି ମୁନା ଆଡ଼କୁ ବଢ଼ାଇଦେଲା। ରିନା ମଧ୍ୟ ଗାଁର ଲୋକଙ୍କୁ ଡାକି ଆଣିଲା। ସମସ୍ତେ ମିଶି ମୁନାକୁ ସୁରକ୍ଷିତ ଭାବେ ବାହାରକୁ ଉଠାଇ ଆଣିଲେ। ମୁନା ରକ୍ଷା ପାଇଗଲା। ରିନା ରାଜୁର ହାତରେ ବାନ୍ଧିଥିବା ରାକ୍ଷୀକୁ ଦେଖି ହସି କହିଲା, ଭାଇ, ଆଜି ତୁ ରାକ୍ଷୀର ମର୍ଯ୍ୟାଦା ରଖିଦେଲୁ। ରାଜୁ ହସି କହିଲା, ଆଉ ତୁ ବି .. ତ ମୋତେ ବିପଦରେ ସାବଧାନ କରି ରକ୍ଷା କଲୁ ! ମାଆ ଦୁହିଁଙ୍କୁ ଆଲିଙ୍ଗନ କରି କହିଲେ, ସତ ରେ ରକ୍ଷାବନ୍ଧନ ହେଉଛି ପରସ୍ପରକୁ ସୁରକ୍ଷା ଦେବା, ଭଲପାଇବା ଓ ବିପଦ ସମୟରେ ପାଖରେ ଠିଆ ହେବା। ରାକ୍ଷୀର ସୂତା ଛୋଟ ହୋଇପାରେ, କିନ୍ତୁ ସେହି ବନ୍ଧନ, ଭଲପାଇବା ବହୁତ ବଡ଼ ଅଟେ। ରୀନା ଓ ରାଜୁ ପରସ୍ପରକୁ ଦେଖି ହସିଲେ। ସେଦିନଠାରୁ ରାକ୍ଷୀଟି ରାଜୁର ହାତରେ କେବଳ ଗୋଟିଏ ସୂତା ହୋଇ ରହିଲା ନାହିଁ, ସେମାନଙ୍କ ଭାଇ-ଭଉଣୀର ଅତୁଟ ଭଲପାଇବାର ସ୍ମୃତି ହୋଇ ରହିଗଲା। ମାଆ ଦୁଇ ଜଣଙ୍କୁ ଦୁଇ ବାହୁରେ ଧରି କହିଲେ, ଭଗବାନ ତୁମକୁ ସବୁବେଳେ ଏମିତି ଖୁସିରେ ରଖନ୍ତୁ ।

+ ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# କାହାକୁ କ'ଣ କହି ଡାକିବା'

## ସନ୍ତୋଷ କୁମାର ଅଦାବର

ବାପାଙ୍କ ବାପାକୁ ଜେଜେବାପା କହି
ଡାକିବରେ ପିଲାମାନେ
ବାପାଙ୍କ ମାଆଙ୍କୁ ଜେଜେମା ଡାକିବା
କଥାଟା ରଖରେ ମନେ ।

ମାଆଙ୍କ ମାଆ ଯେ ଆଈଟି ଆମର
ମାଆଙ୍କ ବାପାଟି ଅଜା
ବାପାଙ୍କ ଭାଇଙ୍କୁ କାକା ଡାକିଦେବା
କଥାଟିକୁ କର ହେଜା ।

କାକାଙ୍କ ପତ୍ନୀଙ୍କୁ ଖୁଡ଼ୀ ଡାକିବା
ଖୁଡ଼ୀ ହୋଇଯିବେ ଖୁସି
ବାପାଙ୍କ ବଡ଼ଭାଇଙ୍କୁ ବଡ଼ବାପା
ଡାକ ଶୁଣି ଦେବେ ହସି ।

ମାଆଙ୍କ ଭାଇଯେ ମାମୁଁ ଆମର
ତାଙ୍କ ପତ୍ନୀ ହେବେ ମାଇଁ
ବାପାଙ୍କ ଭଉଣୀ ପିଉସୀ ଆମର
ପିଉସା, ତାଙ୍କର ସ୍ୱାମୀ ।

ମାଆଙ୍କ ଭଉଣୀ ଅଟନ୍ତି ମାଉସୀ
ତାଙ୍କ ସ୍ୱାମୀ ଯେ ମଉସା
କାହାକୁ କ'ଣ କହି ଡାକିବା କଥା
ପିଲାମାନେ କର ଶିକ୍ଷା ।

ବାପା, ମାଆ, ଭାଇ, ଭଉଣୀ ଏଇଯେ
ଆମ ଖୁସି ପରିବାର
ପରସ୍ପର ସ୍ନେହ ମମତାର ଝର
ଝରୁଥାଏ ନିରନ୍ତର ।

+ବୀରମହାରାଜପୁର,
ସୁବର୍ଣ୍ଣପୁର



# ମିନି ବୋଲି ସେଇ ଝିଅଟି

## ସୁନନ୍ଦା ମହାନ୍ତି





ସମସ୍ତେ ଭଲ ପାଆନ୍ତି ଝିଅଟିକୁ। ଫୁଲ ତୋଳେ, ମାଳ ଗୁନ୍ଥି ଠାକୁରଙ୍କ ପାଇଁ ରଖେ। ପିତ୍ତଳ ବାସନ ମାଜେ ଆଉ ମାଜଣା ବେଳେ ଦିଲ୍ଲୀ ଜଗନ୍ନାଥ ମନ୍ଦିରର ପ୍ରାଙ୍ଗଣରେ ଅନାଇ ରହେ ଫ୍ଲାଇଟ ଗୁଡିକ ଉଚ୍ଚ ଉଡାଣ କରି ଆଖିରୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ। ତା ଆଖି ଲୁହ ଛଳ ଛଳ ହେଇଯାଏ। ଡାକପକାନ୍ତି ପୂଜାରୀ ନନା, ମା ମିନି ଏଣିକି ଆସିଲୁ ସୁନା ମାଆ ମୋର, ଆଣିଲୁ ଘଣ୍ଟିଟା, ପୁଣି ଧୂପ ପାଇଁ କାଠି ଖଞ୍ଜି ଡିଆସିଲି ମାରି ଧୂଆଁ ହେବା ପରେ ଝୁଣା ଦେଇ ରଖୁଥାଏ ମିନି ପୂଜା ପାଇଁ, ସଜାଡି ରଖେ ଧୂପ ଦୀପ ମାଳ। ଆଉ ଧୂଆଁ କୁଣ୍ଡଳୀ ଭିତରେ ଝାପ୍ସା ଦେଖାଯାଏ ମାଆ ମୁହଁ। ଯାହା କୋଳରେ ଶୋଇପଡିଲେ କେତେ ଶାନ୍ତି, ଝାପ୍ସା ମନେ ପଡେ ବାପାଙ୍କ ସଙ୍ଗେ ସାଙ୍ଗ ହୋଇ ଖାଇବା ପରେ ତା ମୁହଁ ଯିଏ ଧୋଇଦିଅନ୍ତି, ପୋଛି କାଖ କୋଳ କରିଦିଅନ୍ତି। ଦଉଡି ଆସେ ପୁଣି ଉଡ଼ାଜାହାଜ ଶବ୍ଦ ଶୁଣି ପ୍ରାଙ୍ଗଣକୁ। ଉଚ୍ଚରୁ ଉଚ୍ଚ କୁ ଉଡାଣ ପର୍ଯ୍ୟନ୍ତ ଚାହିଁରହେ ଆଳତୀ ସରିବା ପର୍ଯ୍ୟନ୍ତ।

ଆଳତୀକୁ ଆସୁଥିବା ଓଡ଼ିଆ କଥା କହୁଥିବା, ଓଡ଼ିଆ ଲୋକମାନେ ସମସ୍ତେ ଭଲ। ମିନି ପାଇଁ କିଏ ଆଣିଦେଇଥାଏ ନୂଆ ଡ୍ରେସତ କିଏ ଆଣିଦେଇଥାଏ ନୂଆ ଚପଲ ପୁଣି କିଏ ଛତା ତ କିଏ କେତେ ସୁନ୍ଦର ସୁନ୍ଦର ବହି। ନନା ମଧ୍ୟ କହିଲେଣି ଅନେକ ଥର ଏଥର ମିନି ସ୍କୁଲ ଯିବ। ଆଳତୀ ପରେ ମିନି ଭୋଗ ଖାଏ ଓ ସଭିଙ୍କୁ ଧାଡ଼ିରେ ବାଣ୍ଟୁଥାଏ। କୌଣସି ଭକ୍ତ ମହିଳା ବା ପୁରୁଷ ବା ବାପା ମାଆଙ୍କ ସଙ୍ଗେ ଆସିଥିବା ପିଲା ପାଖେ ଅଟକି ଯାଏ। ଭାବେ ମୋ ବାପା ବୋଉ କାହାନ୍ତି? ମୁଁ ଏଠି ଆଉ କେତେଦିନ? ମତେ କେବେ ମୋ ବାପା ବୋଉ ମିଳିବେ? ନନା ଡାକ ଛାଡ଼ନ୍ତି ମାଆ ମିନି ଏଣିକି ଆସିଲୁ ସମସ୍ତଙ୍କୁ ଭୋଗ ଦେଇସାରି ଏ କଦଳୀ, କମଳା, ସେଓ ଚୋପା ସବୁ ଫିଙ୍ଗିଦେ ମାଆ। କଦଳୀ ଚୋପା ଗୋରୁ କୁଣ୍ଡରେ ପକେଇବୁ। ଅନ୍ୟ ଚୋପା ସବୁ ଫୁଲ କୁଣ୍ଡରେ ଭରି ରଖିବୁ କହି ଭୋଗ ଦିଅନ୍ତି ନନା। ତା ପରେ ରାତି ଧୂପରେ ଅବଢ଼ା ଖାଏ ମିନି ହେଲେ ମନେ ମନେ ଝୁରୁଥାଏ ତା ମାଆ ଯେବେ ତାକୁ ଖୁଆଇଦିଏ, ତା ବାପା ଯେବେ କାନ୍ଧରେ ପକାଇ ଶୁଆଇ ଦିଅନ୍ତି ତାକୁ। ମନ୍ଦିର ପହଡ଼ ପଡିଲେ ଯିଏ ଯାହା ଘରକୁ ଚାଲିଯାଆନ୍ତି, ନନା ମଧ୍ୟ। ମିନି ଶୁଏ ଠାକୁରଙ୍କ ଭଣ୍ଡାର ଘରେ। ରାତିରେ ଡର ମାଡ଼େ। ବୋଉ ମନେ ପଡେ ବାପା ମନେପଡ଼ନ୍ତି ତା ସହ ମନେ ପଡେ ରଥ। ରଥଯାତ୍ରା ଦେଖିବାକୁ ବାପା ବୋଉଙ୍କ ସହ ନୂଆ ଡ୍ରେସ ପିନ୍ଧି ସେ ଆସିଥିଲା ତା ପରେ ବାପା ବୋଉ କୁଆଡେ ଗଲେ, ସେ ଏଠିକୁ ଉଚ୍ଚ ଉଡାଣରେ ନନାଙ୍କ ସହ ଆସିବାର ଝାପ୍ସା ସ୍ମୃତିକୁ ସାଉଁଟି କାନ୍ଦି କାନ୍ଦି ଶୋଇପଡ଼େ।

ଦୁଇ ବର୍ଷ ତଳେ ନନା, କେତେ ପୂଜକ ଓ ଭକ୍ତଙ୍କ ସହିତ ଜଗନ୍ନାଥ ଦେଶର ରଥଯାତ୍ରା ଦେଖିବାକୁ ଯାଇଥିଲେ। ପୁରୀ ଗଜପତି, ସୁଆର, ସେବକ,ବଡସିଂହାରିଙ୍କ ସମେତ ସବୁ ସେବକଙ୍କ ସହ ରଥ ନିର୍ମାଣ କୌଶଳ, ବିଧି ବିଧାନ ତଥା ନୀତି କାନ୍ତି ବୁଝି ଦିଲ୍ଲୀରେ ରଥ ଗଡ଼ାଇବା ଉଦେଶ୍ୟ ଜଣାଇ ସାଧୁବାଦ ପାଇ, ରଥଟଣା ଦେଖି ଫେରିବା ବାଟରେ ମିନିକୁ ପାଇଥିଲେ। ହଜିଯାଇଥିବା ଛୋଟ ଝିଅ ନିଜ ନାମ ଗ୍ରାମ, ଠିକଣା କିଛି କହିପାରୁନଥିଲା ଖାଲି ବୋଉ ବୋଉ ବାପା ବାପା କହି କାନ୍ଦୁଥିଲା। ପୋଲିସ କହିଲା ଏହାକୁ ମିଶାଇ ପଚିଶ ଜଣ ପିଲା ଥାନାରେ, ଘୋଷଣା ଶୁଣି ବି କେହି ଆସି ନେଉନାଁହାନ୍ତି। ତ ପିଲାସବୁ ଯିବେ କୁଆଡେ?? ନନା ପଚାରୁଥିଲେ,ଅନାଥଆଶ୍ରମ, ଆଉ କୁଆଡେ? ଜନ୍ମ କରି ପିଲାଙ୍କ ଲାଳନ ପାଳନ ଭାର ସହି ନପାରି ଜାଣି ଶୁଣି କିଏ ସବୁ ଏମିତି ଛାଡ଼ି ଯାଉନଥିବେ ଛୁଆଙ୍କୁ ବୋଲି କହିହେଉନି କହି ପୋଲିସ ତା କର୍ତ୍ତବ୍ୟ ପାଇଁ ଚାଲିଗଲା ପରେ ନନା କୋଳରୁ ମିନିକୁ ଉତ୍ତାରି ପାରିଲେନି। ଉଚ୍ଚ ଉଡାଣରେ ମିନି ଆସିଲା ଦିଲ୍ଲୀ ଜଗନ୍ନାଥ ମନ୍ଦିର। ଅନେକ ବିଜ୍ଞାପନ, ପୋଲିସ ସାହାଯତା, ଓଡିଶା ସହ ଯୋଗାଯୋଗ ପରେ ମିନି ବାପା ମାଆଙ୍କ ମିଳିଲାନି ସନ୍ଧାନ। ଦିଲ୍ଲୀ ଓଡ଼ିଆ ଭକ୍ତ ମଣ୍ଡଳୀଙ୍କ ପାଇଁ ମିନି ଅମୃତର ଶିଶୁ। ହେଲେ ଆଗକୁ କଣ ହେବ! ମିନିର ନିରୀହ ଆଖି ଦୁଇଟି ଦେଖିଲେ କାନ୍ଦି ପକାନ୍ତି ନନା। ମିନି ଯେବେ ଉଡ଼ାଜାହାଜ ସବୁକୁ ଉଚ୍ଚ ଉଡାଣ କରି ଅଦୃଶ୍ୟ ହେବା ଯାଏଁ ଚାହିଁରହେ ଛାତି କୋରି ହୋଇଯାଏ ନନାଙ୍କର।

ଏବେ ସରକାରୀ ଚିଠି ମିଳିଛି। ମିନିର ଫୋଟୋ ଦେଖି ପିତା ମାତାଙ୍କ ସନ୍ଧାନ ମିଳିଛି। ଓଡିଶା ସରକାରଙ୍କ ସାହାଯତାରେ ସେମାନେ ଉଡାଣ କରି ଆସିଲେ। ମିନି କିନ୍ତୁ ଚିହ୍ନି ପାରୁନି। ସେମାନେ ସମସ୍ତ ତଥ୍ୟ ପ୍ରମାଣ ଯୋଗାଇ ମିନିକୁ ଯେତେ ସ୍ନେହ ଦେଲେ ମଧ ମିନି ନନାଙ୍କୁ ଭିଡି ଧରୁଛି, କାନ୍ଦୁଛି। ଏଥର ମିନିର ମାଆ ଗାଇ ଉଠିଲେ ସେହି ଗୀତ, ଯାହା ଶୁଣି ମିନି ଶୋଇଯାଉଥିଲା ତାଙ୍କ କୋଳରେ। ମିନି ଚାହିଁଲା କିଛି ସମୟ, ତା ପରେ ଦଉଡିଯାଇ ବୋଉ କୋଳରେ ଶୋଇ ଡାକିଲା ବୋଉ। ସମସ୍ତଙ୍କ ଆଖିରେ ଲୁହ। ମିନି ଉଚ୍ଚ ଉଡାଣରେ ଗଲା ପରେ ନନା ଥରକୁ ଥର ଉଡାଜାହାଜ ଶବ୍ଦ ଶୁଣି ପୂଜା ଛାଡ଼ି ପ୍ରାଙ୍ଗଣକୁ ଆସି ଆକାଶକୁ ଦେଖୁ ଦେଖୁ ଡାକାନ୍ତି ମିନି, ମାଆ ମିନି ମୋର, କେତେ ଦୂରେ ତୁ ମାଆ !

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଅବସରରେ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ

ଭଦ୍ରକ ,୧୮/୦୯ (ନି.ପ୍ର): ଜିଲ୍ଲାରେ ମିଶନ ଶକ୍ତି ପକ୍ଷରୁ 'ଆଶୀର୍ବାଦଦୀପ'କାର୍ଯ୍ୟକ୍ରମ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ମିଶନ ଶକ୍ତି ପକ୍ଷରୁ 'ଆଶୀର୍ବାଦ ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଆୟୋଜନ ଏକତା, ସେବା ଓ ସାମାଜିକ ସଂକଳ୍ପର ବାର୍ତ୍ତା ପ୍ରଦାନ କରିଥିଲା। ମିଶନ ଶକ୍ତି ସହ ଜଡ଼ିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟାମାନେ ଏହି ଅବସରରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। 'ଆଶୀର୍ବାଦ ଦୀପ' ମାଧ୍ୟମରେ ଶାନ୍ତି, ସମୃଦ୍ଧି ଓ ଜନସେବାର ଭାବନାକୁ ଆଗେଇ ନେବାର ସଂକଳ୍ପ ପ୍ରକାଶ ପାଇଥିଲା।

# ସାନଭାଇର ଆକ୍ରମଣରେ ବଡଭାଇ ଓ ଭାଉଜ ଗୁରୁତର

ନୀଳଗିରି,୧୮/୦୯ (ନି.ପ୍ର): ସାନଭାଇ ମାଡରେ ଗୁରୁତର ହେଲେ ବଡଭାଇ ଭାଉଜ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧୀନ ପାଟଣା ଗ୍ରାମରେ।ଜୟପ୍ରକାଶ ଦାସ ନିଜଘର ପାର୍ଶ୍ୱରୁ ପଥର ଉଠେଇବାରୁ ଉତ୍ୟକ୍ତହୋଇ ସାନଭାଇ ମାନସ ବଡଭାଇ ଓ ଭାଉଜକୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ।ପରବର୍ତ୍ତୀ ସମୟରେ ଉତ୍ୟକ୍ତହୋଇ ବଡଭାଇ ଓ ଭାଉଜଙ୍କୁ ବାଡି ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ।ଉଭୟ ଦମ୍ପତି ଗୁରୁତରହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି ହେବା ସହ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୁକ୍ତକୁ ଶାସ୍ତିଦେବା ପାଇଁ ଦାବୀ କରିଛନ୍ତି ଦମ୍ପତି।ନୀଳଗିରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଜଗନ୍ନାଥ ଜ୍ୟୋତିଷ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ




ବାଲିଆପାଳ ,୧୮/୦୯ (ନି.ପ୍ର): ବିଘ୍ନରାଜ ଗଜାନନଙ୍କ ଆଗମନରେ ପାର୍ବଣର ଋତୁର ଶୁଭାରମ୍ଭ ହୋଇଛି। ଏହି ପବିତ୍ର ଗଣେଶ ପୂଜା ଉପଲକ୍ଷେ ବାଲିଆପାଳ ପାରୁଳିଆ ଛକ ନିକଟରେ ଥିବା ଜଗନ୍ନାଥ ଜ୍ୟୋତିଷ କାର୍ଯ୍ୟାଳୟ ପକ୍ଷରୁ ବାଲିଆପାଳ ବ୍ଲକର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଅଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜ୍ୟୋତିଷ କାର୍ଯ୍ୟାଳୟର ସଂଚାଳକ ଅଭିମନ୍ୟୁ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ତଥା ସରକାରୀ ଓକିଲ ଅର୍ଦ୍ଧେନ୍ଦୁ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାଲିଆପାଳ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା ଜଗନ୍ନାଥ ସେବା ସଂସ୍ଥାର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବିଶିଷ୍ଟ କଳାକାର ସଦାନନ୍ଦ ଦାସ,ମଦର ଟେରେସା ଅନ୍ଧମୂକ ବିଧିର ବିଦ୍ୟାଳୟ ଡଗରାର ଅଧ୍ୟକ୍ଷା ଶକୁନ୍ତଳା ପ୍ରଧାନ ଏବଂ ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷୟିତ୍ରୀ ସଞ୍ଜୁବାଳା ମହାନ୍ତିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଜଗନ୍ନାଥ ଜ୍ୟୋତିଷ କାର୍ଯ୍ୟାଳୟ ପକ୍ଷରୁ ଏହି ଅଞ୍ଚଳର ଅନ୍ୟାନ୍ୟ ପ୍ରତିଭାବାନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ଅଭିମନ୍ୟୁ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପ୍ରଦୀପ ଦାସ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବା ବେଳେ ଗୋଷ୍ଠୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଥାନୀ 'ବାସନ୍ତୀ ପ୍ଲାଜା'ରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ: ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନରେ ସ୍ୱେଚ୍ଛାକୃତ ରକ୍ତଦାନକୁ ବ୍ୟାପକ ଉତ୍ସାହ

ବସ୍ତା,୧୮/୦୯ (ନି.ପ୍ର): ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମଥାନୀସ୍ଥିତ 'ବାସନ୍ତୀ ପ୍ଲାଜା' ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନାଙ୍କ ଆହ୍ୱାନ ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହାନ କାର୍ଯ୍ୟକ୍ରମଟି କରାଯାଇଥିଲା। ବସ୍ତା ଥାନା ଅଧିକାରୀ ରଂଜିତ କୁମାର ସାହୁ ଓ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ର ଉପଦେଷ୍ଟା ବାସନ୍ତୀ ଜେନା ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଏବଂ ଯୁବ ସମାଜସେବୀମାନେ ଯୋଗଦାନ କରି ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ବରିଷ୍ଠ ସମାଜସେବି କୁମୁଦ ରଞ୍ଜନ ଗିରି,



ସମାଜସେବି ଶଙ୍କର ଜେନା, ଯୋଗୀ ଅନ୍ତର୍ଜାମୀ ରାଉଳ,ଶିଳ୍ପପତି ରବି ମହାନ୍ତି, ବିଜୟ ସିଂ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ଏକ ସେବା ଦିବସ ରୂପେ ପାଳନ କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କ ଭିତରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ବହୁ ସଂଖ୍ୟାରେ ଯୁବକ ଆଗ୍ରସର ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।ପରିବେଶବିତ୍ ସୁମନ୍ତ କୁମାର ଜେନା ଜଣେ ସଚେତନ ନାଗରିକ ଭାବେ ପରିବେଶ ସୁରକ୍ଷା ସାଙ୍ଗକୁ ଏଭଳି ଜନକଲ୍ୟାଣକାରୀ ମାନବିକ ସେବା କାର୍ଯ୍ୟରେ ସବୁବେଳେ ଆଗୁଆ ରହିଆସିଛନ୍ତି। ତାଙ୍କର ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି ।ଏହି ଶିବିରରେ ସଂଗୃହିତ ରକ୍ତ ଆଗାମୀ ଦିନରେ ଅନେକ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ଆୟୋଜକମାନେ ମତବ୍ୟକ୍ତ କରିଛନ୍ତି। ବିଶ୍ୱଜିତ ମୁଦୁଲି, ଚନ୍ଦନ ବିଶ୍ୱାଳ, ଅଜୟ ବେହେରା, ରାଜେଶ ବେହେରା, ସହଦେବ ପ୍ରଧାନ, ତାପସ ବେହେରା, ଉମାଶଙ୍କର ଦାସ, ରଞ୍ଜିତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଗୋପାଳ ଜୀଉ ସଂକୀର୍ତ୍ତନ ମଣ୍ଡଳୀର ହରିନାମ ସଂକୀର୍ତ୍ତନ

ବାଲିଆପାଳ ,୧୮/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ହନୁମାନ ମନ୍ଦିର ର ପରିସରରେ ସକାଳ ପାଖରୁ ସନ୍ଧ୍ୟା ପ୍ରଯ୍ୟନ୍ତ ବିଷ୍ଣୁପୁର ଗୋପାଳ ଜୀଉ ସଂକୀର୍ତ୍ତନ ମଣ୍ଡଳୀର ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ରେ ସଂକୀର୍ତ୍ତନ ମଣ୍ଡଳୀ ର ମୁଖ୍ୟ ପରିଚାଳକ ସରୋଜ କୁମାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଲକ୍ଷ୍ମୀକାନ୍ତ ଦାସ, ମଦନ ମୋହନ ଦାସ, ଭାସ୍କର ବାରିକ, ରବୀନ୍ଦ୍ର, ଗୌରାଙ୍ଗ, ପ୍ରଭାକର, ଗଣେଶ, ବଂଶୀ, ଅରୁଣ, ତରୁଣ, ଘନଶ୍ୟମ, ଦାଇତରୀ ଗିରି, ଘନଶ୍ୟାମ ପଣ୍ଡା ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ଏହି ସଂକୀର୍ତ୍ତନ ଆଗାମୀ ଦିନରେ କିପରି ସରସ ସୁନ୍ଦର ହୋଇପାରିବ ଏବଂ ହରି ନାମ ଶ୍ରବଣ କଲେ ମଣିଷ କୁ କିଭଳି ମୁକ୍ତି ମିଳିବ ସେହି ସମ୍ପର୍କ ରେ ଆଗାମୀ ଦିନରେ ମଣ୍ଡଳୀ ର ସମସ୍ତ କର୍ମକର୍ତ୍ତା ସହିତ ମୁଖ୍ୟ ପରିଚାଳକ ଉପସ୍ଥିତ ସମସ୍ତ ଭାଗବତ ପ୍ରେମୀ ମାନଙ୍କୁ ଅତି ସୁନ୍ଦର ଭାବରେ ବୁଝାଇଥିଲେ ଶେଷରେ ପ୍ରସାଦ ବଣ୍ଟନ କରାଯାଇଥିଲା।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିସଭା: ଖଇରାର ବିଶ୍ୱକର୍ମା ଥିଲେ ଗୋକୁଳ ଚନ୍ଦ୍ର

ଖଇରା,୧୮/୦୯ (ନି.ପ୍ର): ଖଇରା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ,ବିଶିଷ୍ଟ ଜନନାୟକ, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ଆଗଧାଡିର ସାମ୍ବାଦିକ ଭାବେ ପରିଚିତ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡା ଙ୍କର ୨୫ତମ ମହାପ୍ରୟାଣ ଦିବସ ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଗୁରୁବାର ଦିନ ପାଳିତ ହୋଇ ଯାଇଛି । ପୂର୍ବତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟ ଅତିଥି,ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ମୁଖ୍ୟବକ୍ତା,ଓଡିଶା ସାମ୍ବାଦିକ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ସମୟରେ ଖଇରାର ଅନେକ ଉନ୍ନୟନ କାର୍ଯ୍ୟ ସମ୍ପାଦିତ ହୋଇଥିଲା ,ଏଣୁ ସେ ଖଇରାର ବିଶ୍ୱକର୍ମାଥିଲେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଧର ପଣ୍ଡା ସ୍ୱର୍ଗତ ପଣ୍ଡାଙ୍କ ସହିତ ନିଜର ଅନୁଭୁତି ବଖାଣି ଥିଲେ । ଅଧ୍ୟାପକ ଉମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧି କୈଳାସ ଚନ୍ଦ୍ର ଦାସ,ପ୍ରଶାନ୍ତ ବେହେରା ଓ ଅନାଦି ଚରଣ ନାୟକ, ମମତାମୟୀ ପଣ୍ଡା,ବୁଲୁ ଲେଙ୍କା ପ୍ରମୁଖ ସ୍ୱର୍ଗତ ଜନନାୟକଙ୍କ ବିଭିନ୍ନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମଧ୍ୟମା,ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ନମିତା ସାହୁ,ଲକ୍ଷ୍ମୀ ସାହୁ,ସ୍ମୃତିଲିପ୍ସା ମହାନ୍ତି ଓ ଦେବଯାନୀ ମାଝୀ ଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ପ୍ରଥମେ ତାଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରାଯାଇଥିଲା । ଅଧ୍ୟାପକ ନିରଞ୍ଜନ ନାୟକ,ପ୍ରଶାନ୍ତ ତ୍ରିପାଠୀ,ରବିନ୍ଦ୍ର ପତ୍ରୀ,ଯାଜ୍ଞବଲ୍କ୍ୟ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ବେହେରା,ଶିକ୍ଷକ ନିରଞ୍ଜନ ସାମଲ ଓଡମ୍ବରୁଧର ମହାପାତ୍ର ,କର୍ମଚାରୀ ଦୁଷ୍ମନ୍ତ ଲେଙ୍କା,ନିଳାମ୍ବର ବେହେରା ଓ ମଣିଭଦ୍ର ମହାନ୍ତି ସହଯୋଗ କରିଥିଲେ ।

# କେନାଲରେ ବୁଡି ଯୁବକ ନିଖୋଜ

ଜୟପୁର,୧୮/୦୯ (ନି.ପ୍ର): କୋରାପୁଟ ଜିଲା ଜୟପୁର ଦେଇଯାଇଥିବା କେନାଲରେ ବୁଡି ଜଣେ ଯୁବକ ନିଖୋଜ ଅଛନ୍ତି । ନିଖୋଜ ଯୁବକ ଜଣକ ହେଲେ ଭୁପତି ସାହିର ରାଜେଶ ପଟ୍ଟନାୟକ(୨୧) ।
ସୂଚନା ଅନୁଯାୟୀ, ପୁରୁଣାଗଡ ଛକ ନିକଟ କେନାଲରେ ଗାଧୋଉଥିବା ବେଳେ ଯୁବକ ନିଖୋଜ ହୋଇ ଯାଇଛନ୍ତି । ଏନେଇ ଜୟପୁର ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସହକାରି ଅଗ୍ନିଶମ ଅଧିକାରୀ ରମେଶ ବେହେରା ସୂଚନା ଦେଇଛନ୍ତି ।

# ପୂଜାପାଇଁ ଫୁଲ ତୋଳୁଥିବା ବେଳେ ଛାତରୁ ଖସି ଚାଲିଗଲା ନାବାଳକ ଛାତ୍ରର ଜୀବନ

ନୀଳଗିରି,୧୮/୦୯ (ନି.ପ୍ର): ପୂଜାପାଇଁ ଫୁଲ ତୋଳିବାକୁ ଯାଇଥିବାବେଳେ ଘଟିଗଲା ଏକ ବଡ ଅଘଟଣ। ଛାତଉପରୁ ଖସିପଡ଼ି ନାବାଳକ ଛାତ୍ରର ଚାଲିଗଲା ଜୀବନ। ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍.ଏ.ସି ୨ ନମ୍ବର ୱାର୍ଡ ଘାଟଘରସାହିରେ ଘଟିଛି ଏଭଳି ଦୁଃଖଦ ଖବର । ସୂଚନା ଅନୁସାରେ, ପପୁ ଜେନାଙ୍କ ପୁଅ ଆଦିତ୍ୟ ଜେନା (୧୪) ଗୁରୁବାର ସକାଳ ପ୍ରାୟ ୬ ଘଟିକା ସମୟରେ ବିଶ୍ୱକର୍ମାଙ୍କ ପୂଜାପାଇଁ ଛାତଉପରକୁ ଯାଇ ଫୁଲ ତୋଳୁ ଥିଲେ। ତେବେ ହଠାତ୍ ଅସାବଧାନତା ବଶତଃ ସେ ଛାତ ଉପରୁ ତଳକୁ ଖସିପଡ଼ିଥିଲେ । ଘଟଣାପରେ ପରିବାର ଲୋକେ ତୁରନ୍ତ ଆଦିତ୍ୟଙ୍କୁ ଉଦ୍ଧାରକରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ମେଡିକାଲରେ ଡାକ୍ତର ଆଦିତ୍ୟଙ୍କୁ ମୃତଘୋଷଣା କରିଥିଲେ । ସେ ନବମ ଶ୍ରେଣୀରେ ପଢୁଥିବା ଜଣାପଡିଛି।

# ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଜିଲ୍ଲାସ୍ତରୀୟ ସମୂହ ଆଶୀର୍ବାଦର ଦୀପଦାନ

## ୩୦୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟାଙ୍କ ସାମୂହିକ ଅଂଶଗ୍ରହଣ

ବାରିପଦା,୧୮/୦୯ (ନି.ପ୍ର): ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମନ୍ଦିର ନିକଟରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଜିଲ୍ଲା ମିଶନ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ 'ସମୂହ ଆଶୀର୍ବାଦର ଦୀପଦାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଫେଡେରେସନ୍ ଏବଂ ବ୍ଲକସ୍ତରୀୟ ଫେଡେରେସନ୍‌ର ୩୦୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟା ଯୋଗଦେଇ ସମୂହ ଦୀପଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ସେ ସେବା ସଂକଳ୍ପ ଅଭିଯାନର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ସାମୂହିକ ପ୍ରୟାସ ଓ ସହଭାଗିତା



ମାଧ୍ୟମରେ ମହିଳା ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳା ସଦସ୍ୟାମାନଙ୍କୁ ଉତ୍ସାହିତ କରିଥିଲେ । ନିଜ ବକ୍ତବ୍ୟରେ ସେ ମହିଳାମାନଙ୍କ ସାମୂହିକ ସହଭାଗିତା, ଆତ୍ମନିର୍ଭରତା ଓ ସେବା ମନୋଭାବର ଗୁରୁତ୍ୱ ଉପରେ ପ୍ରକାଶ କରିବା ସହ ଏକତା ଓ ପରସ୍ପର ସହଯୋଗ ମାଧ୍ୟମରେ ନିଜ ପରିବାର ଓ ସମାଜର ପ୍ରଗତିରେ ମହିଳାମାନେ ଅଧିକ ସକ୍ରିୟ ଭୂମିକା ତୁଲାଇବାକୁ ଆହ୍ୱାନ ଦେଇଥିଲେ । ଦୀପଦାନ ପୂର୍ବରୁ ମହିଳା ସଦସ୍ୟାମାନଙ୍କ ପକ୍ଷରୁ ବିଭିନ୍ନ ରଙ୍ଗରେ ଆକର୍ଷଣୀୟ ରଙ୍ଗୋଲି ପ୍ରସ୍ତୁତ କରାଯାଇଥିଲା । ସୁନ୍ଦର ଭାବେ ପ୍ରସ୍ତୁତ ରଙ୍ଗୋଲି ମଧ୍ୟରେ ଦୀପ ସ୍ଥାପନ କରାଯାଇ ସମସ୍ତେ ଏକତ୍ରିତ ଭାବେ ଦୀପ ପ୍ରଜ୍ୱଳନ କରିଥିଲେ । ଅନେକ ଦୀପର ଆଲୋକରେ କାର୍ଯ୍ୟକ୍ରମସ୍ଥଳ ଆଲୋକିତ ହୋଇ ସେବା, ଏକତା ଓ ସାମୂହିକ ସଂକଳ୍ପର ଏକ ମନୋରମ ପରିବେଶ ସୃଷ୍ଟି ହୋଇଥିଲା । ସାମୂହିକ ଅଂଶଗ୍ରହଣରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସେବା, ସମର୍ପଣ, ଏକତା ଓ ସାମୂହିକ ସଂକଳ୍ପର ଏକ ସୁନ୍ଦର ପ୍ରତୀକ ଭାବେ ପରିଲକ୍ଷିତ ହୋଇଥିଲା । ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମିଶନ ଶକ୍ତି ବିଭାଗର ସମନ୍ୱୟରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ୍ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ନବୀନ ସେନାପତି ସମେତ ବିଭାଗୀୟ କର୍ମକର୍ତ୍ତା ଓ କର୍ମଚାରୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫେଡେରେସନ୍‌ର ମହିଳା ସଦସ୍ୟାମାନେ ଉତ୍ସାହର ସହ ଅଂଶଗ୍ରହଣ କରି ସଫଳ କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Basudevpur, I Sumitra Rani Mohapatra Wife of Shanti Sworup Sahoo resident of Vill/Po/Ps-Basudevpur, pin- 756125 declare that I, wholly renounce, relinquish and abandon the use of my former name (old name) Sumitra Rani Sahoo and in place thereof assume from the date hereof the name of (new name) Sumitra Rani Mohapatra. I will be known as Sumitra Rani Mohapatra for all purposes.

**Sumitra Rani Mohapatra**

# ମୋଦୀଜୀଙ୍କ ଜନ୍ମଦିନ ଅବସରରେ ଦିବ୍ୟାଙ୍ଗ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ



ବସ୍ତା ,୧୮/୦୯ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତର ସାନଖୁଡ଼ୀ ସ୍ଥିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ବିଦ୍ୟାଳୟ ଓ ଆଶା ଥେରାପିଉଟିକ ସେଣ୍ଟରରେ କାର୍ଯ୍ୟକ୍ରମ ବସ୍ତା, ସାନଖୁଡ଼ୀ, ୧୭ ସେପ୍ଟେମ୍ବର ୨୦୨୬: ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୬ତମ ଜନ୍ମଦିନ ଅବସରରେ ମାନ୍ୟବର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପକ୍ଷରୁ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଏକ ପୁଷ୍ଟିକର ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ସାନଖୁଡ଼ୀ–ମଥାନୀସ୍ଥିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ବିଦ୍ୟାଳୟ (ଐ.ଓ.) ଏବଂ ଆଶା ଥେରାପିଉଟିକ୍ ସେଣ୍ଟର ପରିସରରେ ଆୟୋଜିତ ହୋଇଥିଲା।ଏହି ଅବସରରେ ବିଦ୍ୟାଳୟ ଓ ଥେରାପିଉଟିକ୍ ସେଣ୍ଟରରେ ଅଧ୍ୟୟନ ଓ ଥେରାପି ଗ୍ରହଣ କରୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ବିସ୍କୁଟ୍, ସେଓ ସମେତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ପିଲାମାନଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରତି ସଚେତନତା ବୃଦ୍ଧି ସହିତ ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରତି ସମାଜର ସ୍ନେହ, ସହଯୋଗ ଓ ସମାବେଶୀ ମନୋଭାବକୁ ଆହୁରି ସୁଦୃଢ଼ କରିବାରେ ଏହି ପଦକ୍ଷେପ ଏକ ସକାରାତ୍ମକ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲା। କାର୍ଯ୍ୟକ୍ରମ ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କ ସହିତ ସମୟ ବିତାଇବା ସହ ସେମାନଙ୍କ ଶିକ୍ଷା, ଥେରାପି, ପୋଷଣ ଓ ସାମଗ୍ରିକ ବିକାଶ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଦିବ୍ୟାଙ୍ଗ ପିଲାମାନଙ୍କ ଅଧିକାର, ମର୍ଯ୍ୟାଦା ଓ ସମାଜର ମୁଖ୍ୟଧାରାରେ ସେମାନଙ୍କ ସମାବେଶ ପାଇଁ ଏଭଳି ମାନବିକ ପଦକ୍ଷେପ ନିଶ୍ଚିତ ଭାବେ ପ୍ରେରଣାଦାୟକ ବୋଲି ଉପସ୍ଥିତମାନେ ମତ ପ୍ରକାଶ କରିଥିଲେ।ଏହି କାର୍ଯ୍ୟକ୍ରମରେ ଆଶା ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ଡ. ଅମର କୁମାର ପାଲଙ୍କ ସମେତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ବିଦ୍ୟାଳୟ ଓ ଆଶା ଥେରାପିଉଟିକ୍ ସେଣ୍ଟରର ଶିକ୍ଷକ, ଥେରାପିଷ୍ଟ, କର୍ମଚାରୀ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ଉପସ୍ଥିତ ରହି ପିଲାମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଦିବ୍ୟାଙ୍ଗ ପିଲାମାନଙ୍କ କଲ୍ୟାଣ, ପୋଷଣ ଓ ସାମାଜିକ ସମାବେଶକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି କରିଥିଲା।

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଅବସରରେ ଦୀପଦାନ ଓ ପୂଜାର୍ଚ୍ଚନା

ନୀଳଗିରି,୧୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଶ୍ରୀଜଗନ୍ନାଥମନ୍ଦିର ପରିସରରେ ଗୁରୁବାର ସକାଳୁ ମହାପ୍ରଭୁଙ୍କ ନିକଟରେ ତାଙ୍କର ଦୀର୍ଘାୟୁ ଓ ନିରାମୟ ଜୀବନପାଇଁ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ଆହୁରି ଶକ୍ତି, ସାମର୍ଥ୍ୟ ଓ ଆଶୀର୍ବାଦ ପ୍ରଦାନ କରନ୍ତୁ, ଯାହାଦ୍ୱାରା ସେ ନିଷ୍ଠା ଓ ସମର୍ପଣର ସହ ଦେଶ ଓ ସମାଜ ସେବାରେ ନିରନ୍ତର ନିୟୋଜିତ ରହିପାରନ୍ତୁ ବୋଲି ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାମନା କରିଥିଲେ। ଏହି



ଦୀପଦାନ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ସାଂସଦଙ୍କ ସହିତ ସ୍ଥାନୀୟ ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ନଗରମଣ୍ଡଳ ସଭାପତି ଶ୍ରୀ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସହିତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉପସ୍ଥିତ ରହି ଦୀପଯଜ୍ଞ ଓ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ।

# ନିଶାମୁକ୍ତ ଯୁବସମାଜ ଗଠନ ହିଁ ବିକଶିତ ଭାରତର ଆଧାର : ମୟୂରଭଞ୍ଜରେ 'ନଶାମୁକ୍ତ ଯୁବ, ବିକଶିତ ଭାରତ' ଅଭିଯାନ

## ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ



ବାରିପଦା , ୧୮/୯ (ନି.ପ୍ର): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଗଉଇଗ) ପରିସରରେ ଜାତୀୟ ସେବା ଯୋଜନା (ଘଝଝ) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ 'ନଶାମୁକ୍ତ ଯୁବ, ବିକଶିତ ଭାରତ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିକୁ ନିଶାଦ୍ରବ୍ୟ ଓ ମଦ୍ୟପାନରୁ ଦୂରେଇ ରଖି ଏକ ସୁସ୍ଥ, ସଚେତନ ଓ ଦାୟିତ୍ୱବାନ ଯୁବସମାଜ ଗଠନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କଲେଜର ପ୍ରତିଷ୍ଠାତା-ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନଙ୍କୁ ନିଶାଦ୍ରବ୍ୟ ଓ ମଦ୍ୟପାନଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, "ଜଣେ ଯୁବକର ନିଶାମୁକ୍ତ ଜୀବନ କେବଳ ତା'ର ନିଜ ଭବିଷ୍ୟତକୁ ସୁରକ୍ଷିତ କରେ ନାହିଁ, ଏହା ଏକ ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନର ମୂଳଦୁଆ ପକାଏ।" ମୟୂରଭଞ୍ଜ ଜିଲ୍ଲା ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆୟୋଜନ ନିମନ୍ତେ ଜାତୀୟ ସେବା ଯୋଜନା ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ସେ କୃତଜ୍ଞତା ଜଣାଇଥିଲେ ଏବଂ ଏହି କାର୍ଯ୍ୟକ୍ରମ ପାଇଁ ଏମ ସି ଏ ଏମ କୁ ଚୟନ କରାଯାଇଥିବାରୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ପ୍ରଫେସର (ଡ.) ବିଷ୍ଣୁପ୍ରିୟା ହାଁସଦା ଯୋଗଦେଇ ଯୁବପିଢ଼ିକୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ନିଶା ଯୁବଶକ୍ତିର ସୃଜନଶୀଳତା, ଶିକ୍ଷା ଓ ଲକ୍ଷ୍ୟପ୍ରାପ୍ତିରେ ବାଧକ ସାଜିଥାଏ ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ପ୍ରଫେସର (ଡ.) ପୁଷ୍ପରାଣୀ ପାତ୍ର ଯୋଗଦେଇ ନିଶା ବିରୋଧରେ ଯୁବସମାଜକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, "ନିଶାକୁ ନା କହିବା କେବଳ ଏକ ବ୍ୟକ୍ତିଗତ ସଂକଳ୍ପ ନୁହେଁ; ଏହା ପରିବାର, ସମାଜ ଓ ଦେଶ ପ୍ରତି ଜଣେ ଯୁବକର ଦାୟିତ୍ୱ।" ଜିଲ୍ଲା ଜାତୀୟ ସେବା ଯୋଜନା ନୋଡାଲ ଅଧିକାରୀ ପ୍ରଫେସର (ଡ.) ଅନାମ ଚରଣ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।ସେ ନିଶା ଠୁ ଯେତେ ଦୂରରେ ରହିବାକୁ ଚେଷ୍ଟା କରିବା ସହ ନିଜ ସମ୍ପର୍କୀୟ ମାନଙ୍କୁ ମଧ ଏ ବିଷୟରରେ ପରାମର୍ଶ ଦେବାକୁ କହିଥିଲେ.'ମେରା ଯୁବ ଭାରତ'ର ଜାତୀୟସ୍ତରୀୟ ସ୍ୱେଚ୍ଛାସେବୀ ଶ୍ରୀ ସାଇରଞ୍ଜନ ଲେଙ୍କା ମଧ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ନିଶାରୁ ଦୂରେଇ ରହି ସକାରାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏମ ପି ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରମୋଦ କୁମାର କର ଏବଂ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦାର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଯମୁନା ମାଝୀ ନିଶାମୁକ୍ତ ଯୁବସମାଜର ଆବଶ୍ୟକତା ଓ ଏଥିରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମୂଲ୍ୟବାନ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏମ ସି ଏ ଏମ ର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନେ ନିଶା ବିରୋଧୀ ବାର୍ତ୍ତା ନେଇ ଏକ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହା ଉପସ୍ଥିତ ଯୁବସମାଜ ମଧ୍ୟରେ ନିଶାର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା। ଏହି ଜିଲ୍ଲାସ୍ତରୀୟ ଅଭିଯାନରେ ଏମ ସି ଏ ଏମ ସମେତ ଶ୍ରୀମା ମହିଳା ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ ଓ ଏମ ପି ସି ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ଜାତୀୟ ସେବା ଯୋଜନା ନୋଡାଲ ଅଧିକାରୀ ପ୍ରଫେସର (ଡ.) ଅନାମ ଚରଣ ରାଉଳ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କରାଇଥିଲେ। ସଭାକୁ ଏମ ସି ଏ ଏମ ର ପ୍ରଶାସନିକ ଅଧିକାରୀ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିବାବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବଦଳିଗଲା ସମୟ...

ନନ୍ଦିଗ୍ରାମ ଉପନିର୍ବାଚନରେ ମମତାଙ୍କ ଶିବିରର ପ୍ରାର୍ଥୀ ସଞ୍ଚିତା ପ୍ରଧାନ ଦେ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ଏହା ପରେ ମମତା ବାନାର୍ଜୀ ନନ୍ଦିଗ୍ରାମରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବା ନେଇ ଘୋଷଣା କରିଛନ୍ତି । ଅକ୍ଟୋବର ୬ରେ ନନ୍ଦିଗ୍ରାମରେ ଉପନିର୍ବାଚନ ହେବ । ଏହି ଘଟଣା ମଧ୍ୟରେ ଟିଏମ୍‌ସିର ଆଭ୍ୟନ୍ତରୀଣ ବିବାଦ ମଧ ଚର୍ଚ୍ଚାରେ ରହିଛି । ନିର୍ବାଚନ ଆୟୋଗ ଟିଏମ୍‌ସିର ଦୁଇ ଗୋଷ୍ଠୀକୁ ଭିନ୍ନ ନାମ ଓ ଚିହ୍ନ ଦେଇଛନ୍ତି । ମମତାଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଏବଂ 'ଫୁଟବଲ୍ ଖେଳାଳି' ଚିହ୍ନ ଦିଆଯାଇଥିବା ରିପୋର୍ଟ ଆସିଛି । ଏହାକୁ ନେଇ ମମତା ବାନାର୍ଜୀ ନିର୍ବାଚନ ଆୟୋଗ ଉପରେ ତୀବ୍ର ନିନ୍ଦା କରିଛନ୍ତି । ଆୟୋଗର ନିଷ୍ପତ୍ତିକୁ ସେ ଅସାମ୍ବିଧାନିକ, ବେଆଇନ ଓ ଗଣତାନ୍ତ୍ରିକ ନୀତି ବିରୋଧୀ ବୋଲି ଅଭିହିତ କରିଛନ୍ତି । ଦଳର ନିର୍ବାଚନୀ ଚିହ୍ନକୁ ନେଇ ନିଷ୍ପତ୍ତି ଉପରେ ମଧ ସେ ଆପତ୍ତି ଉଠାଇଛନ୍ତି । ମମତା ବିଜେପି ଉପରେ ମଧ ଅନେକ ଗୁରୁତର ଅଭିଯୋଗ ଆଣିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ବିଜେପି ପୂର୍ବରୁ ଶିବସେନା ଓ ଏନ୍‌ସିପିକୁ ଭାଙ୍ଗିଥିଲା ଏବଂ ଟିଏମ୍‌ସିକୁ ମଧ ବିଜେପି ସହ ଆସିବା ପାଇଁ ଚାପ ଦିଆଯାଇଥିଲା ।

### ସେମିକନ୍ ହବ୍ ହେବ...

ଏହାବାଦ୍ ସିକ୍‌ସେମ୍ କମ୍ପାନୀ ସହିତ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ଆରମ୍ଭ କରିବା ପାଇଁ ମଧ ଉଦ୍ୟମ ଚାଲିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ରାଜ୍ୟରେ ନ୍ୟାସନାଲ୍ ଇଣ୍ଡଷ୍ଟ୍ରି କୋ-ଡେଭଲପମେଣ୍ଟ ହବ୍ ଅନ୍ ଇଣ୍ଟିଗ୍ରେଟେଡ୍ ପାୱାର ଇଲେକ୍ଟ୍ରୋନିକ୍ସ କାର୍ଯ୍ୟକ୍ରମକୁ ମଞ୍ଜୁରି ପ୍ରଦାନ କରାଯାଇଛି। ଭାରତକୁ ଆଧୁନିକ ଜ୍ଞାନକୌଶଳରେ ଆତ୍ମନିର୍ଭର କରିବା ପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଛି, ତାର ନେତୃତ୍ୱ ନେବାକୁ ଯାଉଛି ଓଡ଼ିଶା । କଟକ ନରାଜ ନିକଟରେ ପ୍ରସ୍ତାବିତ ଓଡ଼ିଶା ସିଲିକନ୍ ଭ୍ୟାଲି ପାଇଁ ରାଜ୍ୟ ସରକାର ୮୭୦ ଏକର ବିଶିଷ୍ଟ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି ପାଇଁ ନିଷ୍ପତ୍ତି ନେଇଛନ୍ତି।

### ପୁଣି ସେବାୟତ...

ବୈଠକରେ ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗ ପ୍ରତିନିଧି ଯୋଗ ଦେଇଥିଲେ। ୩ଘଣ୍ଟା ଧରି ବୈଠକରେ ଆଲୋଚନା ହୋଇଥିଲା। ହେଲେ ବିବାଦର ସମାଧାନ ହୋଇପାରି ନାହିଁ। ବୈଠକରେ ଦୁଇ ନିଯୋଗ ମୁହାଁମୁହିଁ ହେବା ସହ ପ୍ରବଳ ହୋ ହଲ୍ଲା ହୋଇଥିଲା। ଫଳରେ ଅନିଶ୍ଚିତତା ଭିତରେ ଏକାମ୍ର ଅଧିପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି। ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ଗତକାଲି ରାତିରୁ କିଛି ନୀତି ବନ୍ଦ ଅଛି। ଦୁଇ ନିଯୋଗ ସହିତ ଆଲୋଚନା କରାଯାଇଛି। ସହମତି ଆସିନି। ଆମେ ପୁଣି ବୈଠକ କରିବୁ ବୋଲି ସେ କହିଛନ୍ତି। ଆପୋସ ବୁଝାମଣା ମାଧ୍ୟମରେ ନୀତି ସମ୍ପାଦନ କରିବାକୁ ସେ ଉଭୟ ନିଯୋଗଙ୍କୁ ନିବେଦନ କରିଛନ୍ତି। ଏହି ପୁରାତନ ଶୈବପୀଠରେ ସେବାୟତ ବିବାଦ ଓ ନୀତିକାନ୍ତି ବନ୍ଦ ହେବା ଘଟଣା ନୂଆ ନୁହେଁ। ବିଗତ ବର୍ଷ ମାନଙ୍କରେ ଏଭଳି ଘଟଣା ବାରମ୍ବାର ଘଟିଛି। ଯାହା ଭକ୍ତଙ୍କୁ ଆଘାତ ଦେଇଛି। କେବେ ଏ ଭଳି ସମସ୍ୟାର ସ୍ଥାୟୀ ସମାଧାନ ହେବ ତାକୁ ଅପେକ୍ଷା।

### ମଣିପୁର ହିଂସା: ୨୫ ...

ମାମଲାକୁ ଗମ୍ଭୀରତାର ସହ ନେଇ ପ୍ରଧାନ ବିଚାରପତି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ମୁଖ୍ୟ ଶାସନ ସଚିବଙ୍କୁ ଆବଶ୍ୟକ ତଥ୍ୟ ଦେବାକୁ କୁହନ୍ତୁ ଏବଂ କୋର୍ଟଙ୍କୁ କଠୋର ଆଦେଶ ପାରିତ କରିବାକୁ ବାଧ କରନ୍ତୁ ନାହିଁ । କୋର୍ଟଙ୍କ ଆଦେଶରେ ଉଲ୍ଲେଖ ଥିବା ରିପୋର୍ଟ ଅନୁସାରେ, ମଣିପୁରର ୮ଟି ଜିଲ୍ଲାର ରିଲିଫ୍ କ୍ୟାମ୍ପରେ ୬୪୦ ଜଣଙ୍କ ମୃତ୍ୟୁ ରେକର୍ଡ ହୋଇଛି । ଏହି ଘଟଣାଗୁଡ଼ିକରେ ଅପରାଧିକ ମାମଲା ରୁଜୁ ହୋଇଥିଲେ ମଧ ମାତ୍ର ୨୦ଟି ମାମଲାରେ ପୋଷ୍ଟମର୍ଟମ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି । ମାତ୍ର ୨୦ଟି ମୃତ୍ୟୁ ଘଟଣାରେ କାହିଁକି ପୋଷ୍ଟମର୍ଟମ କରାଗଲା, ଏନେଇ ମଧ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି।

### ୟୁରୋପରୁ ୪୦ ହଜାର...

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ''ଆମେରିକା ଫାଷ୍ଟ'' ନୀତି ଏବଂ ନାଟୋ ସହଯୋଗୀ ଦେଶଗୁଡ଼ିକ ନିଜର ସୁରକ୍ଷା ଦାୟିତ୍ୱ ନିଜେ ବହନ କରନ୍ତୁ ବୋଲି ବାରମ୍ବାର ଦାବି କରିବା ପରେ ଏହି ସାମରିକ ସମୀକ୍ଷା ଆରମ୍ଭ ହୋଇଛି। ୟୁରୋପରେ ଆମେରିକାର ସର୍ବୋଚ୍ଚ ସାମରିକ କମାଣ୍ଡର ଜେନେରାଲ୍ ଆଲେକ୍ସସ୍ ଗ୍ରିନକେବିଚ୍ ଏହି ସମୀକ୍ଷା ରିପୋର୍ଟ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥଙ୍କୁ ପ୍ରଦାନ କରିବେ ଏବଂ ନଭେମ୍ବର ୬ ସୁଦ୍ଧା ଅନ୍ତିମ ସୁପାରିଶ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟରେ ପ୍ରଦାନ କରାଯିବ ।

# ସମାଜସେବୀ ଚିତ୍ତରଞ୍ଜନ ଦାସଙ୍କ ବିୟୋଗରେ ଶାସଙ୍ଗରେ ଶୋକର ଛାୟା



ବାଲେଶ୍ୱର , ୧୮/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାରଙ୍ଗ ପଞ୍ଚାୟତର ଶାଶଙ୍ଗ ଗ୍ରାମରେ ଚିତ୍ତରଞ୍ଜନ ଦାଶଙ୍କ ହୃତ୍ ଘାତ ଯୋଗୁଁ ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ବେଳକୁ ତାଙ୍କର ୭୫ ବର୍ଷ ହୋଇଥିଲା । ସ୍ତ୍ରୀ ମାହେଶ୍ୱରୀ ଦାସ , ପୁଅ ପ୍ରତ୍ୟୁଷ ଦାସ , ପୁତ୍ର ବଧୂ ଜୀନା ଦାସ , ଝିଅ ଜ୍ୱାଇଁ ବନ୍ଧୁ ବାନ୍ଧବ ଓ ପରିବାର ଗଣ ଉଅସ୍ଥିଟ ଥିଲେ । ସେ ଜଣେ ଦରଦୀ ଲୋକ ଥିଲେ । ସେ ଗାଁ ର ଲୋକଙ୍କ ସାହାର୍ଯ୍ୟ ସହାନୁଭୂତି ଦେଉଥିଲେ । ଏପରି ସେ ଜଣେ ଭଲ ପୂଜକ ରୂପେ ପରିଚିତ । ତେଣୁ ବଡ ବଡ ପୂଜା ମଣ୍ଡପରେ ପୂଜା କରିବା ସଙ୍ଗେ ସଙ୍ଗେ ଜିଲ୍ଲା ବାହାରକୁ ମଧ ପୂଜା ଅର୍ଚ୍ଚନା କରିବାକୁ ଯାଇଥିଲେ । ଗାଁରେ ବହୁ ପୂଜା ଅର୍ଚ୍ଚନା କରୁଥିଲେ ମଧ ଟଙ୍କା ପଇସା ନ ନେଇ କାର୍ଯ୍ୟ ପରିଚାଳନା କରୁଥିଲେ। ତେଣୁ ଗେଙ୍ଗୁଟି ଶାସଙ୍ଗ ନିବାସୀମାନେ ତାଙ୍କର ଶେଷ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଥିଲେ ଏବଂ ଶ୍ମଶାନ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ଏପରିକି ଶାସଙ୍ଗ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ଖଇରାରେ ଜମୁଛି ଗଜାନନଙ୍କ ପୂଜା: ଭଜନ କୀର୍ତ୍ତନ ସାଙ୍ଗକୁ ଅକେଷ୍ଟ୍ରାରେ କମ୍ପୁଛି ବଜାର ଅଞ୍ଚଳ



ଖଇରା, ୧୮/୯ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବଜାରର ବିଭିନ୍ନ ଗଣେଷ ପୂଜା ମଣ୍ଡପ ଝଲସୁଥିବା ବେଳେ ମେଢ ଦେଖିବାକୁ ଦର୍ଶକଙ୍କ ଭୀଡ ଲାଗୁଛି । ବିଶେଷ ପାଖପାଖି ନିର୍ମିତ ହୋଇଥିବା ଲିଜେଣ୍ଡ ଲୟନ୍ସ କ୍ଲବ ଓ ଶ୍ରୀ ଗଣେଷ ପୂଜା କମିଟି ମେଢ ଏକକୁ ଆରେକ ବଳି ମନମତାଣିଆ ହୋଇଛି । ଗତ ୫ଦିନଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ କୀର୍ତ୍ତନ ପେଣ୍ଡାଲକୁ ଅଧୀକ ଆକର୍ଷୟମୟ କରୁଛି । ଲିଜେଣ୍ଡ ଲାୟନ୍ସ କ୍ଲବର ସଭାପତି ବିସ୍ମୟ ନାୟକ,ଦିପ୍ତିରଞ୍ଜନ ବିଶ୍ୱାଳ,ସତ୍ୟବ୍ରତ ବାରିକ,ତାରିଣୀ ରଥ,ଚିନ୍ମୟ ନାୟକ,ବାଦଲ ପଣ୍ଡା,କାହ୍ନା ବାରିକ ଓ କାର୍ତ୍ତିକ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଓ ସମ୍ବର୍ଦ୍ଧନା ପର୍ବ ଆଗେଇ ଚାଲିଛି । ଭସାଣି ଶୋଭାଯାତ୍ରାକୁ ଆକର୍ଷଣୀୟ କରିବାକୁ କ୍ଲବର ସମସ୍ତ ସଦସ୍ୟ ଦିନରାତି ଏକାକାର କରିଦେଇଛନ୍ତି ।ସେହିଭଳି ଶ୍ରୀଗଣେଷ ପୂଜା କମିଟି ର ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର,ସମ୍ପାଦକ ରଶ୍ମି ରଞ୍ଜନ ପଲେଇ ତଥା ଅନ୍ୟ କାର୍ଯ୍ୟକର୍ତ୍ତା ଚିରଞ୍ଜିବୀ ଆଶିଷ ବାରିକ,ନୃସିଂହ ବେହେରାଙ୍କ ସମେତ ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟାରେ ଗଣେଷ ମେଢ ସହ ବିଷ୍ଣୁଙ୍କ ଦଶାବତାର ବେଶ ସାଙ୍ଗକୁ ଆଲୋକସଜା ଓ ତୋରଣକୁ ଚଳିତ ବର୍ଷ ବେଶ ଆକର୍ଷଣୀୟ କରାଯାଇଛି ।

# ରାଇରଙ୍ଗପୁର ସହରର ଜନଗହଳି ପୂର୍ଣ୍ଣ ରାଜରାସ୍ତା କଡରେ ଭାରିଯାନ ମାନଙ୍କ ଅବାଧ ପାର୍କିଂ

ରାଇରଙ୍ଗପୁର, ୧୮/୯ (ନି.ପ୍ର): ରାଇରଙ୍ଗପୁର ନୂତନ ପୋଲିସ ଜିଲ୍ଲା ମାନ୍ୟତା ପାଇଲା ପରେ ମଧ ପୂର୍ବଭଳି ସହରର ଜନଗହଳି ପୂର୍ଣ ରାଜରାସ୍ତା କଡରେ ବେପାରୁଆ ଭାବରେ ମାଳ ମାଳ ଭାରିଯାନ ତଥା ଚାରି ଚକିଆ ଯାନ ରାସ୍ତା ଅବରୋଧ ତଥା ସଙ୍କୁଚିତ କରୁଛି । ଯାହାଦ୍ୱାରା ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ମାନ ଘଟି ନିରୀହ ଜନସାଧାରଣ ଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । କିଛି ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ ୨୪/୭ ଘଣ୍ଟା ଭାରିଯାନ ତଥା ଚାରିଚକିଆ ଯାନ ଅବାଧରେ ପାର୍କିଂ ହୋଇଥିବା ଦେଖିବାକୁ ମିଳୁଛି ? ଆଗକୁ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଯାତାୟତକୁ ସୁଗମ କରିବା ପାଇଁ ଉକ୍ତ ସ୍ଥାନ ଗୁଡିକ ଅବୈଧ ପାର୍କିଂମୁକ୍ତ କରିବାକୁ ଜନସାଧାରଣ ରେ ଦାବି ହେଉଛି ।

# ବାଲେଶ୍ୱର (ଉତ୍ତର) ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ: ଯୋଗଦେଲେ ରାଜ୍ୟ ସଭାପତି ମନମୋହନ ସାମଲ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ




ଜଳେଶ୍ୱର, ୧୮/୯ (ନି.ପ୍ର): ଭାରତୀୟ ଜନତା ପାର୍ଟି (ବିଜେପି) ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର (ଉତ୍ତର)ର ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଦିନ ୧୦ ଘଟିକା ସମୟରେ ଜଳେଶ୍ୱର ନୂଆଁବଜାର ସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପଠାରେ ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଉଛି। ଏହି ସାଙ୍ଗଠନିକ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏହି ପ୍ରମୁଖ ବୈଠକର ଆୟୋଜନ କରାଯାଇଥିଲା ବୋଲି ବକ୍ତବ୍ୟ ରେ କହିଥିଲେ।ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ,ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ,ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ କୁମାର ପାତ୍ର, ରାଜ୍ୟ ଉପ ସଭାନେତ୍ରୀ ସିପ୍ରା ବାଜପେୟୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଉତ୍ତର ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ ତଥା ଜଳେଶ୍ୱର ମୁନସିପାଲଟି ର ମୋଟ ୨୫୦ ଜଣ କାର୍ଯ୍ୟକର୍ତ୍ତାମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିବା ସହିତ ନୂତନ ଜିଲ୍ଲା ଗଠନ ଠାରୁ ଆଜିର କାର୍ଯ୍ୟକାରିଣୀ ବୈଠକ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା ତା ଛଡ଼ା ଆଗାମୀ ପଞ୍ଚାୟତ, ମୁନସିପାଲଟି ଓ ସମବାୟ ସମିତି ନିର୍ବାଚନ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା। ସକାଳ ୯.୩୦ ମିନିଟ ସମୟରେ ଜଳେଶ୍ୱର ସ୍ଥିତ ହୋଣ୍ଡା ଶୋ'ରୁମ୍ ନିକଟରୁ ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହିତ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମଟର ସାଇକେଲର ବିରାଟ ଶୋଭାଯାତ୍ରା କରି ସଭା ସ୍ଥଳକୁ ପାଛୁଟି ଅଣା ଯାଇଥିଲା। ଜିଲ୍ଲା ସମ୍ପାଦକ କାଳୀଚରଣ ଦାସ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ ଖଟୁଆ ଙ୍କ ସହ ବହୁ ମାତ୍ରାରେ କର୍ମୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମାୟାଧର ପାଢ଼ୀଙ୍କ ୧୧ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ




ବାସୁଦେବପୁର, ୧୮/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲ ପୁର ଗ୍ରାମରେ ମାୟାଧର ଗଭାମଣି ଭବନ ପରିସରରେ ଅବସର ପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ସ୍ୱର୍ଗତ ମାୟାଧର ପାଢ଼ୀଙ୍କ ୧୧ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ କବି ଓ ଗୀତିକାର ପୀତାମ୍ବର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା। ଏହି ଉତ୍ସବରେ ସାହିତ୍ୟିକ ଡକ୍ଟର ବସନ୍ତ କୁମାର ଦାସ, ଶିକ୍ଷାବିତ୍ ଗୟାଧର ମହାପାତ୍ର, ସାହିତ୍ୟିକ ହର ମୋହନ କୁଅଁର, ବିଶିଷ୍ଟ ସଂସ୍କୃତ ବିଶାରଦ ଡକ୍ଟର ସଦାନନ୍ଦ ଦୀକ୍ଷିତ, ବିଜୟ କୁମାର ପତି, ସତ୍ୟସାଇ ସେବା ସଂଗଠନର ମୁଖ୍ୟ ବିଷ୍ଣୁ ମୋହନ ନାୟକ, ଆଦର୍ଶ ନାରୀ ଗଭା ମଣି ପାଢ଼ୀ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା, ଧର୍ମ, ସାହିତ୍ୟ,ସଂସ୍କୃତି ସମ୍ପର୍କରେ ଆଲୋଚନା କରିବା ସହିତ ମାୟାଧର ପାଢ଼ୀଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ କବି,ସାହିତ୍ୟିକ, ଶିକ୍ଷାବିତ୍, ସମାଜ ସେବୀ,କଳାକାର ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବେଦ ପାଠ କରିଥିଲେ ସାଇ ବିସ୍ମୟ, ତତ୍ତ୍ୱଦର୍ଶୀ, ଅଙ୍କିତ, ଜ୍ୟୋତିସ୍ମିତା, ରୁଦ୍ର ନାରାୟଣ, କୌସ୍ତଭ, ଓମ୍ ପ୍ରକାଶ,ଶୁଭଲକ୍ଷ୍ମୀ। ଏହି ଉତ୍ସବରେ ବିଶିଷ୍ଟ ନାରୀ କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୀରେନ୍ଦ୍ର କୁମାର ମହାପାତ୍ର ମାନପତ୍ର ପାଠ କରିଥିଲେ। ଏହି ଉତ୍ସବରେ ପୁତ୍ର ଦେବେନ୍ଦ୍ର ନାରାୟଣ ପାଢ଼ୀ, ଉପେନ୍ଦ୍ର ନାରାୟଣ ପାଢ଼ୀ,ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ,ଦାମୋଦର ପାଢ଼ୀ,ଅମରେନ୍ଦ୍ର ପାଢ଼ୀ, ଜ୍ଞମରେନ୍ଦ୍ର ପାଢ଼ୀ, କ୍ଷେତ୍ରବାସୀ ପାଢ଼ୀ, ହୃଷୀକେଶ ପାଢ଼ୀ, ମନୋରଞ୍ଜନ ପାଢ଼ୀ, ବୋହୂ ବୀଣାପାଣି, ତିଳୋତ୍ତମା, ସରୋଜିନୀ, ସ୍ନେହଲତା, ସଂଯୁକ୍ତା, ଗୀତାଞ୍ଜଳି,ଶୈଳବାଳା, ଜ୍ୱାଇଁ ଅଜିତ୍ ମିଶ୍ର,ମନୋରଞ୍ଜନ ପଣ୍ଡା,ବୀରେନ୍ଦ୍ର ମହାପାତ୍ର,ଜିତେନ୍ଦ୍ର ମିଶ୍ର, ନାରାୟଣ ଦାଶ,ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ବିଶ୍ୱ ବିସ୍ମୟ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ପରଲୋକ



ବାଲେଶ୍ୱର, ୧୮/୯ (ନି.ପ୍ର): ରୂପସା ଥାନା ରାଉତପଡା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରିହର ତ୍ରିପାଠୀଙ୍କର ଗୁରୁବାର ହୃଦଘାତଜନିତ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା । ଗତ କାଲି ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ପୋଲିସ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁଅ, ପୁଅବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ,ଭାଇ, ଭାଇ ବୋହୂ, ପୁତୁରା, ଝିଆରୀ, ପରିବାରବର୍ଗ ଉପସ୍ଥିତ ଥିଲେ । ଜଣେ ବିଦ୍ୱାନ ସଂସ୍କୃତ ଶିକ୍ଷକ ଭାବେ ସେ ସମଗ୍ର ବାଲେଶ୍ୱର ଜିଲାରେ ଖ୍ୟାତି ଅର୍ଜନ କରିଥିଲେ । ଗତ ୨୦୦୯ ମସିହାରେ ସେ ବାଲିଆପାଳ ଗଡ଼ସାହିସ୍ଥିତ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାପୀଠରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଜନପ୍ରତିନିଧି ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ପିଣ୍ଟୁ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

# ସାହିତ୍ୟିକ, ବାଗ୍ମୀ ପ୍ରାଣମ୍ୟ ପ୍ରଫୁଲ୍ଲ ପଣ୍ଡାଙ୍କ ଷଷ୍ଠ ସ୍ମୃତି ଚାରଣ ସଭା

ଭଦ୍ରକ , ୧୮/୯ (ନି.ପ୍ର): ଯିଏ ଯାଦୁଗର, ସାହିତ୍ୟକୁ ବଞ୍ଚାଇବା ଥିଲା ଯାହାଙ୍କର ଥିଲା ଲକ୍ଷ୍ୟ। ନାଟ୍ୟ ସମୀକ୍ଷକ ଭାବେ ଯିଏ ପରିଚିତ, ଯାହାର ସଚେତନ ମନୁଷ୍ୟର ସ୍ୱର, ଚିନ୍ତାକୁ ଚିନ୍ତା ସହିତ, ସ୍ୱର କୁ ସ୍ୱର ସହିତ ମିଳାଇ କଥା ଯିଏ ବୁଝନ୍ତି ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ପ୍ରଣମ୍ୟ ପ୍ରଫୁଲ ପଣ୍ଡାଙ୍କର ଆଜି ଶୁକ୍ରବାର ଷଷ୍ଠ ସ୍ମୃତି ଚାରଣ ସଭା ଆନନ୍ଦ ବଜାର ସ୍ଥିତ ଗଞ୍ଜାମାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ପିଲାମାନଙ୍କୁ ସେ ପ୍ରତିଷ୍ଠା କରପାରିଥିଲେ ସତ କିନ୍ତୁ ଘରୁ ବାହାରିଯାଆନ୍ତି ଘରେ କଣ ଅଛି ନାହିଁ କେବେ ବୁଝନ୍ତି ନାହିଁ ସାହିତ୍ୟ, ନାଟ୍ୟକାର ଓ ସାମ୍ବାଦିକତା ଯାହାର ନିଶା ସମାଜସେବା କରିବା ଯାହାର ପେସା ତାଙ୍କୁ ସମାଜ ଭୁଲି ପାରିବ କିପରି ବୋଲି ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଡା ସାରଥୀ ପଣ୍ଡା ଙ୍କ ସଭାପତିତ୍ୱରେ ଓ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ପଣ୍ଡାଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଭଦ୍ରକ କଲେଜ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଇଂ ଅରୁଣ ପାତ୍ର, ଡ଼. ସୁଦର୍ଶନ ବାରିକ, ମୋଗଲ ତାମସା ନିର୍ଦ୍ଦେଶକ ବାଦଲ ସିକଦାର, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧକ୍ଷ ଜଗନ୍ନାଥ ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଅଧାପିକା ଦେବସ୍ମିତା ମିଶ୍ର ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସାମ୍ବାଦିକ ରବିନାରାୟଣ ଖୁଲାର, ଡାକ୍ତର ସଞ୍ଜୟ ଦାସ, ନୃତ୍ୟ ନିର୍ଦ୍ଦେଶକା ରିଚିସ୍ମିତା ମହାନ୍ତି, ଖବରଦାତା ସମେତ କୃତୀତ୍ୱ ଛାତ୍ର ଛାତ୍ରୀଙ୍କୁ ପ୍ରଣମ୍ୟ ପ୍ରଫୁଲ୍ଲ ସ୍ମୃତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି କମିଟିର ସଦସ୍ୟ ଜଗନ୍ନାଥ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୁଅ ତାପସ ପଣ୍ଡା, ମାନସ ପଣ୍ଡା, ସଂଜୀବ ପଣ୍ଡା,ଉତ୍କଳମଣି ପଣ୍ଡା ଓ ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଅତିଥି ମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ କବି ଗଙ୍ଗାଧର ନାୟକ, ଯୋଗେନ୍ଦ୍ର ପରିଡ଼ା, ଲକ୍ଷ୍ମୀକାନ୍ତ ରାଉତ, କାଳନ୍ଦୀ ମଳିକ, ଅମୂଲ୍ୟ ନାଥ, ବଟକୃଷ ଜେନା ପ୍ରମୁଖ କବିତା ପାଠ ଓ ସହଯୋଗ କରିଥିଲେ।

# ରଘୁନାଥ ଜୀଉ ମଠରେ ନବନିଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର

ନୀଳଗିରି, ୧୮/୯ (ନି.ପ୍ର): ନୀଳଗିରି ସ୍ଥିତ ରଘୁନାଥ ଜୀଉ ମଠରେ ୨୦୨୧ ମସିହା ଠାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ନଥିବାରୁ ଠାକୁରଙ୍କ ନୀତିକାନ୍ତି, ଆୟବ୍ୟୟର ହିସାବ, ଜମିଜମା ବିବାଦର ବହୁ ବିଶୃଙ୍ଖଳା ଦେଖାଦେଇଥିଲା। ଏହାକୁ ପରିଲିଖିତ କରି ଦେବୋତ୍ତର କମିଶନର ବିଘ୍ନେଶ୍ୱର ବାରିକ ଙ୍କୁ ୦୧/୦୭/୨୬ରିଖ ରେ ନିଯୁକ୍ତି ପତ୍ର ଦେଇଥିଲେ ହେଁ ଆଜି ନୀଳଗିରି ତହସିଲଦାର କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି। ଗତ ୨୯/୦୬/୨୬ ରିଖ ରେ ଦେବୋତ୍ତର କମିଶନର ମୌଖିକ ସାକ୍ଷାତ୍କାର ମାଧମରେ ବିଘ୍ନେଶ୍ୱର



ବାରିକ ଙ୍କୁ ଚୟନ କରି ୦୧/୦୭/୨୬ ରେ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ଏବଂ ୦୮/୦୭/୨୬ ଦାୟିତ୍ୱ ଗ୍ରହଣ କରିବା ନିମନ୍ତେ ପତ୍ର କରିଥିଲେ। ମାତ୍ର ୦୨/୦୯/୨୬ ରିଖ ପର୍ଯ୍ୟନ୍ତ ବିଘ୍ନେଶ୍ୱର ବାରିକ ଙ୍କୁ ଶୀଘ୍ର କାର୍ଯ୍ୟ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଥିଲେ ହେଁ ଦୀର୍ଘ ୧୮ଦିନପରେ ଆଜି ନୀଳଗିରି ତହସିଲଦାର ଶ୍ରୀମତୀ ଶୁଭଶ୍ରୀ ଜେନା ନବ ନିଯୁକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଘ୍ନେଶ୍ୱର ବାରିକଙ୍କୁ ଦାୟୀତ୍ୱ ଅର୍ପଣ କରିବା ସହ ମଠର ସମସ୍ତ କାର୍ଯ୍ୟର ସୁପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ। ଆଜିକାର ଏହି ଦାୟିତ୍ୱ ହସ୍ତାନ୍ତର ସମୟରେ ସଭାପତିଙ୍କ ସହ ଟ୍ରଷ୍ଟବୋର୍ଡ ର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ଏହି ଖବର ଶୁଣି ନୀଳଗିରିର ଭକ୍ତସମାଜ ଓ ଜନସାଧାରଣ ତହସିଲଦାରଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

# ଆଦର୍ଶ ଶିକ୍ଷକ ଜୟନ୍ତ କୁମାର ପାଣିଗ୍ରାହୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

## ଛାତ୍ରଙ୍କ ସଫଳତାରେ ହିଁ ଶିକ୍ଷକଙ୍କ ସଫଳତା

ରେମୁଣା, ୧୮/୯ (ନି.ପ୍ର): ଜଣେ ଶିକ୍ଷକଙ୍କର ସବୁଠାରୁ ବଡ଼ ସଫଳତା ହେଉଛି ତାଙ୍କ ଛାତ୍ରମାନଙ୍କର ସଫଳତା। ଆଜି ତାଙ୍କ ଆବର୍ତ୍ତମାନରେ ତାଙ୍କର ଶୁଭେଚ୍ଛୁ, ଛାତ୍ର ଏବଂ ଆତ୍ମୀୟସ୍ୱଜନ ମାନେ ଯେଉଁ ଭାବବିହ୍ୱଳ ସ୍ମୃତିଚାରଣ କଲେ ତାହା ବାସ୍ତବିକ ତାଙ୍କର ବିଶାଳ ବ୍ୟକ୍ତିତ୍ୱକୁ ପ୍ରତିପାଦନ କରୁଛି। ସେ ଏକାଧାରରେ ଥିଲେ ଜଣେ ଶିକ୍ଷକ, କର୍ମକାଣ୍ଡବିତ, କବି, ସଂସ୍କୃତିପ୍ରେମୀ ତଥା ଜଣେ ଅତି ଆତ୍ମୀୟ ବ୍ୟକ୍ତି ବୋଲି ବିଶିଷ୍ଟ ବ୍ୟକ୍ତିତ୍ୱମାନେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଡ. ଶ୍ୟାମସୁନ୍ଦର ପଣ୍ଡାଙ୍କ ପୌରହିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାକୁ ବିଶିଷ୍ଟ ସାହିତ୍ୟିକ ଡ.




ଭାଗବତ ପ୍ରସାଦ ଦାସ ସଂଚାଳନ କରିଥିଲେ। ଶିକ୍ଷାଦାନ ସହ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ଆତ୍ମୀୟତା ଓ ମାର୍ଗଦର୍ଶନ ତାଙ୍କୁ ସମସ୍ତଙ୍କଠାରେ ପ୍ରିୟ କରିଥିଲା। ଶିକ୍ଷକତାରୁ ଅବସର ପରେ କର୍ମକାଣ୍ଡ ତଥା ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଏହା ସହ ସେ ହୋମିୟପାଥି ଚିକିତ୍ସା ମଧ କରୁଥିଲେ। ସେଥିପାଇଁ ଆଖପାଖ ଅଞ୍ଚଳରେ ତାଙ୍କର ଅନେକ ସୁନାମ ରହିଥିଲା। ବୋଇତବାଙ୍କ ଗ୍ରାମର ଶୀତଳା ପୂଜା କମିଟିର ଦାୟିତ୍ୱ ମଧ ସେ ସଫଳତାର ସହ ନିର୍ବାହ କରିଥିଲେ ବୋଲି ତାଙ୍କର ସାନ ଭାଇ ତଥା ବରିଷ୍ଠ ଆଇନଜ୍ଞ୍ୟ ବିଜୟ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ସଭାରେ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବିଶିଷ୍ଟ ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, କବି ନିରଞ୍ଜନ ସାହୁ, ବିଧାନ ରାୟ, ଡ. ରତ୍ନାକର ସିଂହ, ପୂର୍ବତନ ଅଧ୍ୟାପକ ଗଜେନ୍ଦ୍ର ପଣ୍ଡା, ସତ୍ୟନାରାୟଣ ପାକଳ, ଯୋଗେନ୍ଦ୍ର ସିଂହ, ତାଙ୍କର ଭଉଣୀମାନେ, ବଡ଼ ପୁଅ ଭାରତୀୟ ସେନାରେ ଅଧିକାରୀ ଭାବେ କାର୍ଯ୍ୟରତ ଯଯାତି, ସାନ ପୁଅ ତଥା ଆଇନଜୀବୀ ଚିରଞ୍ଜିବି ପାଣିଗ୍ରାହୀ, ଦୁଇ ବୋହୂ, ଝିଆରୀ, ନାତି ତଥା ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ଅଭୟ ଦାସ, ଆଲୋକ ସାହୁ, ବାଲେଶ୍ୱର ଓ ନୀଳଗିରି କୋଟ ର ଅନେକ ଆଇନଜୀବୀ ଆଦି ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।

# ବ୍ରଜଘାତରେ ବୃଦ୍ଧଙ୍କ ମୃତ୍ୟୁ



ବାଲିଆପାଳ ୧୮.୯(ଆପ୍ର) ବାଲିଆପାଳ ଥାନା ଅନ୍ତର୍ଗତ କୁଦମାନସିଂ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା , ସୂଚନା ଅନୁଯାୟୀ କୁଦମାନସିଂ ଗ୍ରାମର ରଘୁନାଥ ପାତ୍ର (୬୨) ଶୁକ୍ରବାର ସକାଳେ ନଳିତା ଚାଷ ହୋଇଥିବା ବିଲକୁ ଯାଇଥିଲେ, ହଠାତ ପ୍ରବଳ ବର୍ଷା ଏବଂ ଘଡଘଡି ଆରମ୍ଭ ହେବାରୁ ସେ ବିଲରୁ ଆସୁଥିବା ବେଳେ ବଜ୍ରପାତ ହୋଇ ଥିଲା, ଘଟଣା ସ୍ଥଳରେ ରଘୁନାଥ ସଜ୍ଞାହୀନ ହୋଇ ପଡିଥିଲେ, ପରିବାର ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଇ ଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ, ତେବେ ମୃତକ ରଘୁନାଥ ପାତ୍ରଙ୍କ ପରିବାର ଅତ୍ୟନ୍ତ ଗରୀବ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଘରେ ନଥିବା ବେଳେ କଳା କନା ବୁଲାଇଲେ ଚୋର: ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ବୈଶିଙ୍ଗା, ୧୮/୯ (ନି.ପ୍ର): ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ଗ୍ରାମର ଦୁଇ ଜଣଙ୍କ ଘରୁ କଳା କନା ବୁଲାଇଲେ ଚୋର । ଅଭିଯୋଗ ମୁତାବକ ଶିକ୍ଷକ ଗିରିଜା ପ୍ରସାଦ ଦାଶ ରଙ୍ଗାମାଟିଆ ସ୍ଥିତ ବୀରକିଶୋର ମହାନ୍ତିଙ୍କ ଘରେ ୩ବର୍ଷ ଧରି ଭଡ଼ାରେ ରହୁଛନ୍ତି । ଦୁଇ ଦିନ ଧରି ସେ ଘରେ ନଥିବା ବେଳେ ଏହାର ସୁଯୋଗ ନେଇ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ଟଙ୍କା ଚୋରି କରିନେଇଥିଲେ ।



ପଡ଼ୋଶୀ ଘରେ ଥିବା ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରଶ୍ମୀରେଖା ପଣ୍ଡାଙ୍କ ଘରୁ ମଧ ଚୋରି ହୋଇଯାଉଛି । ସେ ଘରେ ନଥିବାରୁ ତାଙ୍କ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ମୋବାଇଲ ଓ ଟଙ୍କା ଲୁଟି ନେଇଛନ୍ତି । ଏ ନେଇ ଦୁଇ ଜଣଙ୍କ ଅଭିଯୋଗକୁ ଭିତ୍ତି କରି ବୈଶିଙ୍ଗା ଥାନାରେ ଦୁଇଟି ମାମଲା ରୁଜୁ କରିଛନ୍ତି । ଗୁରୁବାର ସନ୍ଧ୍ୟା ସମୟରେ ସନ୍ଧାନୀ କୁକର ସହ ବୈଶିଙ୍ଗା ଥାନର ଏଏସଆଇ ଗୋବିନ୍ଦ ଟୁଡୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏଥି ସହିତ ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନମୂନା ସଂଗ୍ରହ କରିଛନ୍ତି । ଦୁଇ ଦିନ ପୂର୍ବରୁ ବ୍ୟାଙ୍କ ଡକାୟତି ବିଫଳ ହୋଇଥିଲେ ମଧ ପୁଣି ଚୋରୀ ଜନ ସାଧାରଣଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏହା ପରେ ପେଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଦେବାକୁ ପ୍ରସ୍ତୁତ ହେଉଛନ୍ତି ବାପା ମା’ ଛେଉଣ୍ଡ ପୁତ୍ର ‘ମାନସ’

ଉଦଳା , ୧୮/୯ (ନି.ପ୍ର): ଯେ ହେଉଛି ଗୋପବନ୍ଧୁନଗର ବ୍ଲକର ଶିଳଘାଟି ପଂଚାୟତ ଅନ୍ତର୍ଗତ ହୁଡ଼ିସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ରବିନ୍ଦ୍ର ନାଏକ ଓ ମାତା ସ୍ୱର୍ଗତଃ ମନ୍ଦାକିନି ନାଏକଙ୍କ ପୁତ୍ର ‘ମାନସ’ ଏବେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ପ୍ରସ୍ତୁତ ହେଉଥିବାର ଜଣାଯାଇଛି । ପିଲାଟି ଦିନରୁ ବାପା ମା’ଙ୍କୁ ହରାଇଥିବା ‘ମାନସ’ଙ୍କୁ ବର୍ତମାନ ବୟସ ୧୪ ବର୍ଷ ଛୁଇଁଥିବା ବେଳେ ସେ ତାଙ୍କର ବଡ଼ଭାଇ ଓ ଭାଉଜଙ୍କ ପାଖରେ ଆଶ୍ରୟ ନେଇଛନ୍ତି । ନିକଟରେ ଥିବା ଗ୍ରାମ ଭଣ୍ଡଗାଁସ୍ଥିତ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ‘ମାନସ’ଙ୍କ ନାମ ଲେଖାଯାଇଥିଲେ ମଧ ଆଜକୁ ଗୋଟିଏ ବର୍ଷ ହେବ ସେ ଆଦୌ ବିଦ୍ୟାଳୟ ଯାଇନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ତେବେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟି ଯାଇଛି ଏହା ତାଙ୍କୁ ଜଣାନଥିବାର ଜଣାଇଛନ୍ତି । ବିଦ୍ୟାଳୟକୁ ପିଲା ଆସନ୍ତୁ କି ନଆସନ୍ତୁ ସରକାରୀ ଫାଇଲ ଚାଷରେ ସବୁ ଠିକ୍ ଚାଲିଛି ଦର୍ଶାଯାଉଥିବା ଆଜି କିଛି ନୁଆକଥା ନୁହେଁ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଯୋଗୁଁ ‘ମାନସ’ଙ୍କୁ ପାଠପଢ଼ାଇବା ପରିବାର ପକ୍ଷେ କଷ୍ଟକର ହୋଇପଡ଼ିଥିବାର କହିଛନ୍ତି । ସେହିପରି ବିଦ୍ୟାଳୟରେ ମାନସଙ୍କ ପାଇଁ ଆବଶ୍ୟକ ପଡୁଥିବା କାଗଜପତ୍ର ଏ ପର୍ଯ୍ୟନ୍ତ ଯୋଗାଡ଼



କରିପାରି ନଥିବାର ଜଣାଇଛନ୍ତି । ତେବେ ‘ମାନସ’କୁ କୌଣସି ହଷ୍ଟେଲରେ ରଖିଦେବା ସହିତ ପାଠପଢ଼ାର ବ୍ୟବସ୍ଥା କରିଦେବାକୁ ଗୁହାରି ଜଣାଇଛନ୍ତି । ‘ମାନସ’ ବାପା ମା’ ଛେଉଣ୍ଡ ପିଲା ହୋଇଥିବାରୁ ହଷ୍ଟେଲ ସିଟ ସହଜରେ ମିଳିଯିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି । ବର୍ତମାନ ମାନସଙ୍କ ପାଇଁ ହଷ୍ଟେଲ ସିଟ ସହିତ ପାଠପଢ଼ାର ବ୍ୟବସ୍ଥା ନକଲେ ସେ ପଢ଼ାରେ ଡ଼ୋରି ବାନ୍ଧି ଦେବେ ଏଥିରେ ସନ୍ଦେହ ନାହିଁ ବୋଲି ବହୁଲୋକ ମତ ଦେଇଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି । ଉପଯୁକ୍ତ ଯତ୍ନ ଅଭାବରୁ ବିଭିନ୍ନ ସ୍ଥାନରେ ବାପା ମା’ ଛେଉଣ୍ଡ ପିଲା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦୃଶ୍ୟ ବହୁଳ ଭାବରେ ଦେଖିବାକୁ ମିଳୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ସବୁ ଓରାଙ୍ଗଉଟାନ ସୁସ୍ଥ ଅଛନ୍ତି: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୧୮/୯ (ନି.ପ୍ର): ବାଲେଶ୍ୱରରୁ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନଙ୍କୁ ନେଇ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମସିଂ ଖୁଂଟିଆଙ୍କ ସୂଚନା ଦେଇ କହିଛନ୍ତି ଯେ ସବୁ ଓରାଙ୍ଗଉଟାନ ସୁସ୍ଥ ଅଛନ୍ତି। ସେମାନଙ୍କର ପୂରା ଯତ୍ନ ନିଆଯାଉଛି। ଓରାଙ୍ଗଉଟାନ ଚାଲାଣ ପଛରେ ଅନ୍ତର୍ଜାତୀୟ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏଥିନେଇ ବିଭିନ୍ନ ରାଜ୍ୟରେ ତଦନ୍ତ ଚାଲିଛି। ମାମଲାର ମୂଳକୁ ପହଂଚିବା ପାଇଁ ଲମ୍ବା ସମୟ ଲାଗିପାରେ। ମାତ୍ର ଦୋଷୀ ଧରାପଡ଼ିବ।

# ଫଳ ବଣ୍ଟନ ଓ ଦୀପ ପ୍ରଦାନ କାର୍ଯ୍ୟକ୍ରମ

ଭଦ୍ରକ , ୧୮/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଆୟୋଜିତ ‘ସେବା ସଂକଳ୍ପ ଅଭିଯାନ’ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ଏବଂ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସରୋଜ କୁମାର ଦତ୍ତଙ୍କ ଉପସ୍ଥିତିରେ ଫଳ ବଣ୍ଟନ କରାଯାଇଥିଲା। ଏଥିସହ ଅଭିଯାନର ଅଂଶ ଭାବେ ଦୀପ ପ୍ରଦାନ କରାଯାଇ ସେବା, ସମର୍ପଣ ଓ ସାମାଜିକ ସହଭାଗିତାର ବାର୍ତ୍ତା ଦିଆଯାଇଥିଲା ।କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ।

# ୭୦ତମ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ , ୧୮/୯ (ନି.ପ୍ର): ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଜିଲ୍ଲାଶିକ୍ଷାଧିକାରୀ ଡ଼ଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଅଛି । ମୁଖ୍ୟଅତିଥି ଭାବରେ ମାନ୍ୟବର ବିଧାୟକ ଭଦ୍ରକ ଶ୍ରୀଯୁକ୍ତ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ସମ୍ମାନୀତ ଅତିଥିଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ଡ଼ଃ ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଚକ୍ରଧର ମଲ୍ଲିକ, ପ୍ରଧାନଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ସାହୁ ଯୋଗଦାନ କରିଥିଲେ । କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଶଶୀଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ




ଶିକ୍ଷା ଅଧିକାରୀ ଶ୍ରୀ ରାଜେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରୁ ୭୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦାନ କରିଥିଲେ । ଏହି ପ୍ରତିଯୋଗିତା ବ୍ୟାଡ୍‌ମିଣ୍ଟନ, ଯୋଗାସନ, ଟାଏକଣ୍ଡ, ରଗବି, ଫୁଟବଲ, ହ୍ୟାଣ୍ଡବଲ, ଓ୍ୱେଟଲିଫ୍ଟିଙ୍ଗ୍, ଟେବୁଲ ଟେନିସ୍, ବାସ୍କେଟବଲ, ସ୍କେଟିଙ୍ଗ୍, ଫୁଟବଲ ଓ ଚେସ୍ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ଭୀମଚରଣ ପରିଡ଼ା, ପ୍ରଦୀପ ମହାପାତ୍ର, ଅନିଲ ମିଶ୍ର, ଭଦ୍ରକ ବ୍ଲକ କ୍ରୀଡ଼ା ସମ୍ପାଦକ ମାନସ କୁମାର ନାୟକ, ଧାମନଗର କ୍ରୀଡ଼ା ସମ୍ପାଦକ ମାନସ ରଞ୍ଜନ ନାୟକ, ଭଣ୍ଡାରୀପୋଖରି ବ୍ଲକ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର ସାହୁ, ତିହିଡ଼ି ବ୍ଲକ ସମ୍ପାଦକ ପ୍ରଭାତ ଜେନା, ବାସୁଦେବପୁର ବ୍ଲକ ସମ୍ପାଦକ ସୁକାନ୍ତ ଜେନା, ଚାନ୍ଦବାଲି ବ୍ଲକ ସମ୍ପାଦକ ବିଜୁଦତ୍ତ ପଣ୍ଡା, ବନ୍ତ ବ୍ଲକ କ୍ରୀଡ଼ା ସମ୍ପାଦକ ମନୋଜ ଶଙ୍ଖୁଆ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାରେ ସହାୟତ କରିଥିଲେ। ବିଭିନ୍ନ କ୍ରୀଡ଼ାର କୋଚ୍ ଓ ବିଚାରକ ଭାବରେ ଅଶୋକ କୁମାର ପଣ୍ଡା, ପବିତ୍ର ମୋହନ ଦାସ, ସୁପ୍ରଭା ରାଉତ, ବିକଶି ସାହୁ, ତପନ ମିଶ୍ର, ଡ଼ଲିରାଣୀ ଦାସ, ସଂଗୀତା ବେହେରା, ସ୍ୱର୍ଣ୍ଣଲତା ବେହେରା, ମାନସ ଜେନା କ୍ରୀଡ଼ା ପରିଚାଳନା କରିଥିଲେ । ଶିବ ନାରାୟଣ ପତି ବେଦପାଠ କରିଥିଲେ। ଲିନାରାଣୀ ଦାସ, ରୁବିନା ଖାତୁନ୍, ଅକ୍ଷୟ କୁମାର ସେଠୀ, ଓ ଅରୁଣ କୁମାର ବାରିକ୍ କ୍ରୀଡ଼ା ପ୍ରତିଯୋଗିତମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ବିଦ୍ୟାଳୟସମୂହ କ୍ରୀଡ଼ା ଓ ଦୌଡକୁଦ ପ୍ରତିଯୋଗିତା ୨୦୨୬-୨୭ ଅନୁଷ୍ଠିତ

ନୀଳଗିରି, ୧୮/୯ (ନି.ପ୍ର): ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ଅର୍ଜୁନଆଚାର୍ଯ୍ୟ ଉଚ୍ଚବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଉଦଘାଟନ କରିଥିଲେ। ପରେ ଛତ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ଜେନା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ, ପରିଚୟପ୍ରଦାନ କରିଥିଲେ। ସଭାପତି ଚୟନକରିବା ପରେ ନୀଳଗିରି ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଜାମୁଡିହା ଅର୍ଜୁନଆଚାର୍ଯ୍ୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଲମ୍ବୋଦର ସିଂ, ଜାମୁଡିହା ଓଡ଼ିଶା ଆଦର୍ଶବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ମଣ୍ଡଳ, ତେଲିପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିବାବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଡକ୍ଟର ନାରାୟଣ ନାଏକ ମଞ୍ଚାସିନ ରହିଥିଲେ।ମୁଖ୍ୟ ଅତିଥି କ୍ରୀଡାର ମହତ୍ତ୍ୱ ଏବଂ ତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କ୍ରୀଡାଛାତ୍ର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଲକ୍ଷ୍ୟ ବିନା ସାଧନା ଅସମ୍ଭବ ବୋଲି କହିଥିଲେ। ପରେ ସି.ଆର.ସି.ସି., ଜଡିବାଲି ତପନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କ୍ରୀଡ଼ା ଓ ଦୌଡ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ୨୦୮ଟି ବିଦ୍ୟାଳୟରୁ ମୋଟ ୬୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ କ୍ରୀଡାରେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility: +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida